visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.229, Bhubaneswar Wednesday, October 23, 2019 | ୨୨ତମ ବର୍ଷ | ସଂଖ୍ୟା–୨୨୯ | ଭୁବନେଶ୍ୱର ବୁଧବାର, ଅକ୍ଟୋବର ୨୩, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

## ବିଜେପୁରରେ ୭୯.୧୭% ମତଦାନ, ୧୪ଟି ଟେବଲରେ ହେବ ଭୋଟ୍ ଗଣତି

ଭୁବନେଶ୍ୱର,୨୨।୧୦(ପି.ଏନ): ବିଜେପୁର ଉପନିର୍ବାଚନରେ ମୋଟ ୭୯.୧୭ ପ୍ରତିଶତ ମତଦାନ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ପ୍ରକାଶ କରିଛନ୍ତି। ନିର୍ବାଚନ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହ ହୋଇଛି। ଆସନ୍ତା ୨୪ ତାରିଖରେ ବରଗଡ଼ର ପଦ୍ମପୁରରେ ଭୋଟ୍ ଗଣତି ହେବ। ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ଭୋଟ ଗଣନା ପାଇଁ ୧୪ଟି କାଉଂଟିଂ ଟେବୁଲ୍ ରହିବ। ୧୪ଟି ଟେବୁଲରେ ୧୦୩ ଜଣ ଅଧିକାରୀ ବସି ଭୋଟ ଗଣିବେ। ପ୍ରତ୍ୟେକ ଟେବୁଲ୍ ପାଇଁ ଜଣେ ଲେଖାଏ ମାଇକ୍ରୋ ଅବଜରର୍ଭର ରହିବେ। ଏଥର ମତଦାନ ପୂର୍ବ ଥରର ସାଧାରଣ ନିର୍ବାଚନଠାରୁ ବି ଅଧିକ ହୋଇଛି। ୧୪ଟି ଟେବୁଲ୍ ମଧ୍ୟରୁ ଗୋଟିଏ ଟେବୁଲ୍ ଭିଭିପାଟ୍ କାଉଂଟିଂ ପାଇଁ ରହିବ। ଉଲ୍ଲେଖଯୋଗ୍ୟ ଚଳିତ ଉପନିର୍ବାଚନରେ ସାଧାରଣ ନିର୍ବାଚନ ଠାରୁ ଅଧିକ ଭୋଟିଂ ହୋଇଛି। ୨୦୧୪ ସାଧାରଣ ନିର୍ବାଚନରେ ବିଜେପୁରରେ ୮୦.୨୯%, ୨୦୧୮ ଉପନିର୍ବାଚନରେ ୮୨.୩ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ୨୦୧୯ ସାଧାରଣ ନିବାଚନରେ ୭୯ ପ୍ରତିଶତ ରେକର୍ଡ କରାଯାଇଥିଲା।

## ହଜାରେ ଟଙ୍କା ଲାଂଚ ନେଇ ବରିଷ୍ଠ କିରାଣୀ ଗିରଫ

ରାଉରକେଲା,୨୨।୧୦(ପି.ଏନ): ଭବିଷ୍ୟନିଧି ଟଙ୍କା ଉଠାଇବାକୁ ଚାହୁଁଥିବା ଜଣେ ଡ୍ରାଇଭର ଙ୍କ ଠାରୁ ଇଏସଆଇ ଡାକ୍ତରଖାନା ର ଜଣେ ବରିଷ୍ଠ କିରାଣୀ ୧୦୦୦ଟଙ୍କା ଲାଂଚ ନେଉଥିବା ବେଳେ ଆଜି ଦିନ ୧୧.୩୫ ମିନିଟ ବେଳେ ରାଉରକେଲା ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଗିରଫ କିରାଣୀ ହେଲେ କାଂଶବାହାଲ ଇଏସଆଇ ଡାକ୍ତରଖାନା ର ବରିଷ୍ଠ କିରାଣି ବିଷ୍ଣୁ ଚରଣ ମଲିକ । ଅଭିଯୋଗରୁ ପ୍ରକାଶ ଏହି ଡାକ୍ତରଖାନାର ଆମ୍ବୁଲାନ୍ସ ଡ୍ରାଇଭର ବୈରାଗି ବେହେରା ୨ଲକ୍ଷ ଟଙ୍କା ନିଜ ଭବିଷ୍ୟନିଧି ପାଣ୍ଠି ରୁ ନେବା ଲାଗି ଆବେଦନ କରିଥିଲେ । ଏହି କାମ କରାଇଦେବା ଲାଗି କିରାଣି ଶ୍ରୀ ମଲ୍ଲିକ କୁଆଡେ ତାଙ୍କୁ ୧୦୦୦ହଜାର ଟଙ୍କା ଦାବି କରିଥିଲେ । ସେହି କଥା ଅନୁଯାୟୀ ଆଜି ସକାଳ ୧୧.୩୫ ମିନିଟ ବେଳେ ଶ୍ରୀ ବେହେରା ଲାଂଚ ଅର୍ଥ ଦେଉଥିବା ବେଳେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ ଟିମ୍ କିରାଣି ଶ୍ରୀ ମଲ୍ଲିକଙ୍କୁ ଲାଂଚ ଅର୍ଥ ସହ ଧରିଥିବା କୁହାଯାଇଛି । ପରେ ତାଙ୍କର ସରକାରୀ ବାସଭବନର ଖାନ ତଲାସି କରାଜିବା ସହ ତାଙ୍କୁ ଗିରଫ କରାଯାଇଥିବା ଜଣା ପଡିଛି । ଏହି ଚଢାଉରେ ଡିଏସପି ଦାସରଥୀ ସେଠୀ,ଇନ୍ସପେକ୍ଟର ରିତାଂଜଳି ପ୍ରଧାନ,ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଭାଗନେଇଥିବା ବେଳେ ଅତିରିକ୍ତ ଏସପି ସୁବାଷ ଚନ୍ଦ୍ର ସ୍ୱାଇଁ ପୁରା ମାମଲାକୁ ତଦାରଖ କରୁଥିଲେ ।ରାଉରକେଲା ଭିଜିଲାନ୍ସ ଅନେକ ଦିନ ଧରି ତତ୍ପରତା ଦେଖାଉନଥିବା ଅଭିଯୋଗ ହେଉଥିବା ବେଳେ ଆଜି ଅନେକ ଦିନ ପରେ ଏକ ମାମଲା ରୁଜୁ କରିଛି ।

## ରୋହେନପଦର ଜମି ଜାତିଆତି ଅଭିଯୋଗରେ ଖଡିଆଳ ପୁଲିସ ଦ୍ୱାରା ଜଣକୁ କୋର୍ଟ ଚାଲାଣ

ନୂଆପଡା, ୨୨।୧୦(ପି.ଏନ): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଚନାବେଡା ପଂଚାୟତର ରୋହେନପଦର ଗ୍ରାମର ଜମି ଜାଲିଆତି ଘଟଣାରେ ଖଡିଆଳ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଖଡିଆଳ ସହରର ଶ୍ୟାମ ଅଗ୍ରୱାଲ ନାମକ ବ୍ୟକ୍ତି ଜମି ଜମି ଜାଲିଆତି ଘଟଣାରେ ସଂପୃକ୍ତ ଥିବାର ପୁଲିସ ପ୍ରମାଣ ପାଇ ଗତକାଲି ତାଙ୍କୁ ଅଟକ ରଖି ପଚରା ଉଚୁରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏହି ଘଟଣାରେ ତଦନ୍ତ ଚାଲୁ ରହିଥିବା ବେଳେ ଅନ୍ୟାନ୍ୟ ଅଭିଯୁକ୍ତ ମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ରୋହେନପଦର ଗ୍ରାମର ସ୍ୱର୍ଗତ ଦୈତାରୀ ମାଝୀଙ୍କ ୨ ଏକର ୧୬ ଡିସମିଲ ଜମିକୁ ଗତ ୨୦୧୭ ମସିହାରେ କୋମନା ଥାନା ସୁନାବେଡା ଗ୍ରାମର ଝାରବନ୍ଧ ମାଝୀଙ୍କ ନାମରେ ମିଥ୍ୟା ବିକ୍ରୟ ହୋଇଥିଲା । ଚଳିତ ବର୍ଷ ମଇ ମାସରେ ପରିବାରଙ୍କୁ ମ୍ୟୁଟେସନ ପାଇଁ ନୋଟିସ ଆସିବାରୁ ପରିବାର ଲୋକେ ମିଥ୍ୟା ଭାବରେ ଜମି ବିକ୍ରୟ ହୋଇଥିବା ନେଇ ଜାଣିବାକୁ ପାଇଥିଲେ । ଏନେଇ ସେମାନେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ, ଖଡିଆଳ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଫଳରେ ମିଥ୍ୟା ଜମି ବିକ୍ରୟକୁ ବିରୋଧ କରି ଗ୍ରାମବାସୀ ଏବଂ ଆମ ଆଦମୀ ପାର୍ଟି ତରଫରୁ ଗତ ୧୪ ତାରିଖରୁ ଧାରଣା ଦେଇଥିଲେ । କିନ୍ତୁ କୌଣସି ସୁଫଳ ନମିଳିବାରୁ ଗତ ୧୯ ତାରିଖରୁ ଆଜି ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଛନ୍ତି ।

## ଆଜିଠୁ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୨।୧୦(ପି.ଏନ): ବଙ୍ଗୋପସାଗରର ଦକ୍ଷିଣ ପଶ୍ଚିମ ତାମିଲନାଡୁ ଉପକୂଳ ଓ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଂଟା ମଧ୍ୟରେ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ୨୩ ତାରିଖରୁ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ସମେତ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୨୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ ଓ ନବରଙ୍ଗପୁର ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ନବରଙ୍ଗପୁର, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଗଞ୍ଜାମ, ପୁରୀ, କନ୍ଧମାଳ ଓ ଗଜପତି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩.୬୩ କୋଟି ଟଙ୍କାର ଦାନ

ଭୁବନେଶ୍ୱର, ୨୨।୧୦(ପି.ଏନ): ଫନି ବାତ୍ୟା ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ଆଜି ତିନୋଟି ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ ଦିଆଯାଇଛି। ଆନ୍ଧ୍ର ବ୍ୟାଙ୍କ କର୍ମଚାରୀମାନଙ୍କ ପକ୍ଷରୁ ୩କୋଟି ୫୮ଲକ୍ଷ ୪୯ ହଜାର ୯୪୪ ଟଙ୍କା ପ୍ରଦାନ କରାଯାଇଛି।




ଓଷ୍ଟା ଓ ଡ଼ିଇଓ ଭଦ୍ରକ ପକ୍ଷରୁ ୪,୭୫,୯୫୦ ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରୁଛନ୍ତି

## ଭାରତ-ଋଷ ପ୍ରସ୍ତାବିତ ଯୁଗ୍ମ ପ୍ରକଳ୍ପ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଶକ୍ତିଶାଳୀ କରିବ:ଧର୍ମେନ୍ଦ୍ର ପ୍ରଧାନ



ଋଷ/ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୧୦(ପି.ଏନ): ଋଷର ପୂର୍ବାଂଚଳରେ ଅପର୍ଯ୍ୟାପ୍ତ ଖଣିଜର ସମ୍ଭାବନା ରହିଥିବା ବେଳେ ଋଷ ସରକାର ଭାରତ ସରକାରଙ୍କ ସହ କାମ କରିବାକୁ ଇଚ୍ଛୁକ ରଖିଛନ୍ତି। ଭାରତ ଓ ଋଷ ମଧ୍ୟରେ ପ୍ରସ୍ତାବିତ ଏହି ଯୁଗ୍ମ ପ୍ରକଳ୍ପ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅକ୍ଟୋବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୫ଦିନିଆ ଋଷ ଓ ଜାପାନ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଙ୍ଗଳବାର ଋଷର ବରିଷ୍ଠ ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସମୟରେ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉଚ୍ଚସ୍ତରୀୟ ସରକାରୀ ଅଫିସର ମଣ୍ଡଳି ଏବଂ ଏକ ବ୍ୟବସାୟିକ ପ୍ରତିନିଧି ମଣ୍ଡଳିଙ୍କ ସହ ଋଷରେ ପହଁଚିବା ପରେ ପ୍ରଥମେ ସେଠାରେ ଭାରତୀୟ ରାଷ୍ଟ୍ରଦୂତ ବାଲା ଭେଙ୍କଟଶ୍ ବର୍ମାଙ୍କ ସହ ଭରତ-ଋଷ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବିଶେଷ ଭାବରେ ତୈଳ, ଗ୍ୟାସ ଓ ଇସ୍ପାତ୍ କ୍ଷେତ୍ରର ସମୀକ୍ଷା କରିଥିଲେ। ଉଭୟ ପୂର୍ବାଂଚଳ ଋଷର କୁକିଂ କୋଲ୍ ଉପରେ ମଧ୍ୟ ଆଲୋଚନା କରିଥିଲେ । ଶ୍ରୀ ପ୍ରଧାନ ପୂର୍ବାଂଚଳ ଋଷର ସର୍ବବୃହତ ଜେଭେଜ୍ଡା ସ୍ଥିତ ଜାହାଜ ନିର୍ମାଣ ପ୍ରକଳ୍ପ ପରିଦର୍ଶନ କରିବା ସହ ବରିଷ୍ଠ ଅଧିକାରୀଙ୍କ ସହ ବ୍ୟବସାୟିକ ସମ୍ଭାବନା ଉପରେ ଆଲୋଚନା କରିଥିଲେ । ଏହାସହ ସେଠାରେ ରୋଜନେଫ୍ଟର ସିଇଓ ସଚିନ ଇଗୋରଙ୍କୁ ମଧ୍ୟ ସାକ୍ଷାତ୍ କରି ଜେଭେଜଡା ଜାହାଜ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜେଭେଜ୍ଡା ଜାହାଜ ସିପୟାର୍ଡ୍ ଆରକେଟିକ୍ ସିପିଂର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବେଳେ ଭାରତ ଏବଂ ଋଷର ଜଳପଥକୁ ବିକାଶିତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ୨ଟି ଚୋରା କରତକଳ ଉପରେ ଚଢଉ, ୨୬ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ମୂଲ୍ୟର କାଠ, ଯନ୍ତ୍ରାଂଶ ଜବତ, କାଠ ବୋଝେଇ ପିକଅପ ଭ୍ୟାନ ଜବତ

ନିମାପଡ଼ା, ୨୨।୧୦(ପି.ଏନ): ନିମାପଡା ବ୍ଲକ ର ବଲଙ୍ଗା ଅଂଚଳରେ ବେଆଇନ ଭାବେ ଚାଲିଥିବା ୨ଟି କରତ କଳ ଉପରେ ବନବିଭାଗର ଏକ ଉଚ୍ଚକ୍ଷମତା ସମ୍ପନ୍ନ ଟିମ ଆଜି ଚଢଉ କରି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, ମୁଲ୍ୟବାନ କାଠ ଗଣ୍ଡି ସହିତ ଗୋଟିଏ ପିକଅପ ଭ୍ୟାନ ଜବତ କରିଛ । ଏ ନେଇ ପୃଥକ ପୃଥକ ଭାବେ ୪ ଗୋଟି ମାମଲା ଗୋପ ରେଂଜ କାର୍ଯ୍ୟାଳରେ ରୁଜୁକରାଯାଇଛି । ଘଟଣାରୁ ପ୍ରକାଶ ଯେ ବେଆଇନ ଭାବେ ସରକାରୀ ନିୟମକୁ ନ ମାନି ବଲଙ୍ଗା ଅଁଚଳରେ ୮ରୁ ଉର୍ଦ୍ଧ୍ୱ କରତ କଳ ଚାଲୁଥିବା ନେଇ ଗୋପ ରେଂଜରଙ୍କ ନିକଟରେ ଅଭିଯୋଗ ହେବାପରେ କୌଣସି କାର୍ଯ୍ୟାନୁଷ୍ଠନ ନହେବାରୁ ସ୍ଥାନୀୟ ଅଁଚଳର ଜନସାଧାରଣଙ୍କ ପକ୍ଷରୁ ଭୁବନେଶ୍ୱର ଭିଜିଲାନ୍ସ ଫରେଷ୍ଟ ଉଇଙ୍ଗ ମୁଖ୍ୟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଆଜି ସକାଳୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଫରେଷ୍ଟ ଉବଙ୍ଗ ମୁଖ୍ୟ ତଥା ସହାକାରୀ ବନଖଣ୍ଡ ଅଧିକାରୀ ବିଷ୍ଣୁଚରଣ ବହେରାଙ୍କ ନେତୃତ୍ୱରେ ଗଠିତ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଟିମ ପ୍ରଥମେ ବଲଙ୍ଗା ଥାନା ଅନ୍ତର୍ଗତ ତଥା ପିପିଲି-ନିମାପଡା ମୁଖ୍ୟ ରାସ୍ତାର ହରିପୁର ଛକରେ ଥିବା କରତକଳ ଉପରେ ଚଢଉ କରି କରତକଳର ସମସ୍ତ ଯନ୍ତାଶ ଏବଂ ବହୁମୁଲ୍ୟର କାଠ ଗଣ୍ଡିକୁ ଜବତ କରିଥିଲେ । ଏହା ପରେ ବଲଙ୍ଗା–ଖେରାର ରାସ୍ତାର କୁଁଅରପୁର ଠାରେ ଥିବା କରତକଳ ଉପରେ ଚଢଉ କରି ସମସ୍ତ ଯନ୍ତାଶ ଏବଂ ମୁଲ୍ୟବାନ କାଠ ଜବତ କରିବା ସହ ଏକ କାଠବୋଝେଇ ପିକଅପ ଭ୍ୟାନ ଜବତ କରିଥିଲେ। ଯାହାର ଆନୁମାନିକମୁଲ୍ୟ ୨୬ଲକ୍ଷ ରୁ ଉର୍ଦ୍ଧ୍ୱ ହେବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି । ପୁରୀ ବନବିଭାଗର ଏସି ଏଫ ରବିନାରାୟଣ ମହାପାତ୍ର, ବାଲୁଖଣ୍ଡ ରେଂଜର, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଡି ଏସ ପି ଅନୁପମା ମହାପାତ୍ର, ଆଇ ଆଇ ସି ମନୋରଂଜନ ପାଇକରାୟ, ବି ଏନ ନାଏକ, ଗୀତାଂଜଳୀ ବେହେରାଙ୍କ ସହିତ ୧୦ଜଣ ଅଧିକାରୀ ଙ୍କ ସହିତ ୪ଟି ସ୍ୱତନ୍ତ୍ର ପୁଲିସ ସ୍କ୍ୱାର୍ଡ ସାମିଲ ଥିଲେ । ଆଜିର ଚଢଉରେ ଅନ୍ୟ କରତକଳ ମାଲିକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି ।

## କ୍ୱାର୍ଟର ଛାଡୁ ନାହାନ୍ତି ପୂର୍ବତନ ବିଧାୟକ : କାର୍ଯ୍ୟାନୁଷ୍ଠାନ ନିଆଯିବ : ବାଚସ୍ପତି

ଭୁବନେଶ୍ୱର,୨୨।୧୦(ପି.ଏନ): ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ପୂର୍ବତନ ବିଧାୟକ ମାନେ ଘର ନଛାଡିବା ଘଟଣାକୁ ନେଇ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଣିକି ସରକାରୀ ଘର ଜବରଦଖଲରେ ଥିବା ବିଧାୟକଙ୍କ ଉପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ। ଆଇନ ତା’ ବାଟରେ ଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଏଥିପାଇଁ ପୂର୍ବତନ ବିଧାୟକମାନଙ୍କୁ ନୋଟିସ୍ ଦିଆଯାଇଥିଲା ।ବିଧାନସଭା ନିକଟରେ ଥିବା ଏମଏଲଏ କଲୋନୀ ଏବଂ ଏହାର ଆଖପାଖରେ ୨୦ ଏକର ଜମି ରହିଛି। ସେଥିମଧ୍ୟରୁ ୧୧ ଏକର ଜମିରେ ରହିଥିବା ବିଭିନ୍ନ କୋଠାକୁ ଭଙ୍ଗାଯିବ। ଆଉ ୯ ଏକର ଜମିରେ ବିଧାୟକମାନଙ୍କ କ୍ୱାର୍ଟର ଓ ସରକାରୀ କୋଠା ରହିଛି। ଏଗୁଡିକୁ ଭଙ୍ଗାଯାଇ ବିଧାୟକମାନଙ୍କ ପାଇଁ ଆପାର୍ଟମେଂଟ ନିର୍ମାଣ କରାଯିବ। କିଛି ପୁରୁଣା ବିଧାୟକ ଇତିମଧ୍ୟରେ କ୍ୱାର୍ଟର ଛାଡିଛନ୍ତି। ଘର ନଛାଡିଲେ ପାଣି ଓ ବିଦ୍ୟୁତ୍ ସଂଯୋଗ କଟାଯିବ ବୋଲି ଚେତାବନୀ ସତ୍ତ୍ୱେ ସେମାନେ ମାନୁ ନାହାନ୍ତି। ଗତ ୧୯ ତାରିଖରେ ୩ ଦିନ ମଧ୍ୟରେ ଘର ଛାଡ଼ିବାକୁ ପୂର୍ବତନ ବିଧାୟକମାନଙ୍କୁ ବାଚସ୍ପତି ନିର୍ଦ୍ଦେଶନାମା ଜାରି କରିଥିଲେ। ଆବଶ୍ୟକସ୍ଥଳେ ଘରୁ ପାଣି ଓ ବିଜୁଳି ସଂଯୋଗ କାଟିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୨୪ ଓ ୨୫ ତାରିଖରେ ମଧ ରାଜ୍ୟର ମାଲକାନଗିରି, କୋରାପୁଟ ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଗଞ୍ଜାମ, ପୁରୀ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଭିଜିଲାନସ ଜାଲ ରେ ଘଂଟାପଡା ଜିଆରଏସ

ବୌଦ୍ଧ, ୨୨।୧୦(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ର ବିଲ କରାଇଦେବାକୁ କହି ପନ୍ଦର ହଜାର ଟଙ୍କା ଲାଂଚ ନେଉଥିବାବେଳେ ଘଂଟାପଡା ଜିଆରଏସ ଭିଜିଲାନସ ଦ୍ୱାରା ଧରାପଡିଛନ୍ତି। ସୂଚନା ଅନୁସାରେ କଂଟାମାଳ ବ୍ଲକ ଘଂଟାପଡା ପଂଚାୟତ କୁନାସିଲା ଗ୍ରାମ ରିସପାଲ ରଣାଙ୍କ ଆବାସ ଯୋଜନା ଘରର ବିଲ ପାଇଁ ବାରମ୍ବାର ଘଂଟାପଡା ପଂଚାୟତ ଅଫିସ ଦୌଡିଦୌଡି ନୟାନ୍ତ ହୋଇପଡିଥିଲେ। ଘରର ବିଲ ପାଶ କରିବାକୁ ଜିଆରଏସ ପାଣ୍ଡବ ମହଲା ୧୫ ହଜାର ଟଙ୍କା ଦେଲେ ବିଲ କରି ଦେବା ପାଇଁ ଶ୍ରୀ ରଣାଙ୍କୁ କହିଥିଲେ। ଶେଷରେ ଶ୍ରୀ ରଣା ନିରାଶ ହୋଇ ଭିଜିଲାନସ ର ଦ୍ୱାରସ୍ତ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ଦିନ ଘଂଟାପଡା ପଂଚାୟତ ଅଫିସ ପରିସର ମଧ୍ୟରେ ଲାଂଚ ଟଙ୍କା ନେବା ବେଳ ପୂର୍ବରୁ ଛକି ରହିଥିବା ଭିଜିଲାନସ ଟିମ ପାଣ୍ଡବଙ୍କୁ ଧରିଥିଲେ।

## ମନ୍ତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦(ପି.ଏନ): ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟରେ ଜିଲ୍ଲାଗସ୍ତ କରୁଥିବାବେଳେ ମନ୍ତ୍ରୀମାନେ ବାହାରେ ମଧ୍ୟାହ୍ନ ଭୋଜନ ନକରି ଅନାଥାନାଶ୍ରମ, ଭିନ୍ନକ୍ଷମ ଏବଂ ଶିଶୁମାନଙ୍କ ଯତ୍ନ ନେବା ପାଇଁ ଥିବା ସରକାରୀ ଅନୁଷ୍ଠାନ ତଥା ସ୍କୁଲ ଓ ଆହାରକେନ୍ଦ୍ର ଅଚାନକ ଯାଂଚ କରିବା ସହିତ ସେଠାରେ ମଧ୍ୟାହ୍ନ ଭୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଉପରୋକ୍ତ ଅନୁଷ୍ଠାନ ମାନଙ୍କରେ ଦିଆଯାଉଥିବା ଖାଦ୍ୟର ଗୁଣବତା ସହିତ ସେହି ଅନୁଷ୍ଠାନମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ମନ୍ତ୍ରୀମାନେ ପ୍ରତ୍ୟକ୍ଷ ଭାବରେ ଜାଣିପାରିବେ।

## ଶିଳ୍ପ ବିହୀନ ଭଦ୍ରକରେ ବନ୍ଧା ପଡ଼ିଛି ବୟନଶିଳ୍ପ ପାର୍କ

ଭଦ୍ରକ, ୨୨।୧୦(ପି.ଏନ): ଧାମରା ବନ୍ଦର, ରାନ୍ଦିଆ ଠାରେ ଫେକର କ୍ରୋମ ଓ ପାୱାର ପ୍ଲାଣ୍ଟକୁ ଛାଡ଼ି ଦେଲେ ଆଉ କୌଣସି ଶିଳ୍ପ ଜିଲ୍ଲାରେ ପ୍ରତିଷ୍ଠା ସମ୍ଭବ ହୋଇ ପାରିନି ଆଜି ପର୍ଯ୍ୟନ୍ତ। ଶିଳ୍ପ ପ୍ରତିଷ୍ଠା ପାଇଁ କାହାରି ଆଗ୍ରହ ମଧ ଅଦ୍ୟାବଧି ଦେଖିବାକୁ ମିଳୁନି। ତେବେ ପ୍ରଥମଥର ପାଇଁ ପ୍ରାୟ ୪୦ବର୍ଷ ପୂର୍ବେ ଭଦ୍ରକ-ଆଖଣ୍ଡଳମଣୀ ରାସ୍ତାର ଅସୁରାଳି ନିକଟରେ ଏକ ପଂଚାୟତ ସମିତିସ୍ତରୀୟ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସରକାର ଉଦ୍ୟମ କରିଥିଲେ। କାଗଜକଳ, ଚିନିକଳ, ରାଇସମିଲ, ଚୂଡ଼ାକଳ ପରି କ୍ଷୁଦ୍ର ଶିଳ୍ପାନୁଷ୍ଠାନର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିଲା ସେଠାରେ। ଶିଳ୍ପ ପ୍ରତି ଆଗ୍ରହୀ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ଅଗ୍ରାଧିକାର ଭିତିରେ ରାଜସ୍ୱ ବିଭାଗ ଜମିକୁ ଲିଜ ସୂତ୍ରରେ ପ୍ରଦାନ କରାଯିବା ସହ ବ୍ୟାଙ୍କ ଋଣ ମଧ ପ୍ରଦାନ କରାଯାଇଥିଲା। ଗ୍ରାମାଂଚଳରେ ଶିଳ୍ପର ବିକାଶ ପାଇଁ ଚିହ୍ନିତ ଏହି ଅଂଚଳର ଏକ ବିସ୍ତୀର୍ଣ୍ଣ ଭାଗ ଏବେ ପଡ଼ିଆ ପଡ଼ିଥିବାବେଳେ, ପ୍ରଥମାବସ୍ଥାରେ ଯେଉଁ ଶିଳ୍ପସଂସ୍ଥାର ମୂଳଦୂଆ ପଡ଼ିଥିଲା ସେସବୁର ଚିହ୍ନବର୍ତ୍ତ ଦେଖିବାକୁ ମିଳୁନାହିଁ। ତେବେ ୮୦ ଦଶକରେ ଭଦ୍ରକକୁ ଶିଳ୍ପ ସମୃଦ୍ଧ ଅଂଚଳ ଭାବେ ଗଢ଼ିତୋଳିବା ପାଇଁ ଚରମ୍ପା ରାହାଞ୍ଜ ଅଂଚଳର ୮୦ ଦଶକରେ ୨୦ଏକର ଜମି ଚିହ୍ନଟ ହୋଇଥିଲା। ଏହାର ନାମ ଥିଲା ଭଦ୍ରକ ଶିଳ୍ପାଂଚଳ। ୫ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏହି ଜମିକୁ ପରେ ଇଡ଼କୋ ଅଧିଗ୍ରହଣ କରି ଏହା ଉପରେ ବିଦ୍ୟୁତ୍, ରାସ୍ତା ପରି ଆବଶ୍ୟକୀୟ ଭିତିଭୂମୀ ପ୍ରସ୍ତୁତ କରି ୨୦ଜଣ ଶିଳ୍ପଦ୍ୟୋଗୀଙ୍କ ମଧ୍ୟରେ ବଣ୍ଟନ କରିଥିଲା। ଚୁକ୍ତି ଅନୁଯାୟୀ ସେ ସମୟରେ କସମେଟିକ୍ସ, ଅଗ୍ନିନିରୋଦକ ଇଟା, ରିଫାଇନ ମିଲ, ଅଏଲ ମିଲ, କୃଷି ଯନ୍ତ୍ରପାତି ପରି ଶିଳ୍ପସଂସ୍ଥା ପ୍ରତିଷ୍ଠା ହେବାକଥା। ମାତ୍ର ଇତିମଧ୍ୟରେ ୩୫ବର୍ଷ ଅତିକ୍ରମ କଲାଣି। ଶିଳ୍ପଦ୍ୟୋଗୀଙ୍କ ମଧ୍ୟରେ ବିତସ୍ପୃହତା ଅଥବା ସେମାନଙ୍କୁ ପ୍ରୋତ୍ସାହନ ଅଭାବରୁ ଏହି ସ୍ଥାନରେ ଏବେ ଗୋଟିଏବି ଶିଳ୍ପ ମୁଣ୍ଡ ଟେକି ପାରିନାହିଁ। ପ୍ରଥମରୁ ପ୍ରତିଷ୍ଠା ହୋଇଥିବା ଶିଳ୍ପସଂସ୍ଥା ପ୍ରାୟତଃ ବନ୍ଦ କିମ୍ବା ରୁଗଣ। ଏହି ରୁଗଣ ଶିଳ୍ପସଂସ୍ଥା ଗୁଡ଼ିକରର ପୁନରୁଦ୍ଧାର ଦିଗରେ କେହି କେବେ ପ୍ରୟାସ କରିନାହାନ୍ତି। ତେବେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଣ୍ଟିତ ଜମି ଏବେ ଅଣଶିଳ୍ପ କାର୍ଯ୍ୟରେ ଅଧିକ ବ୍ୟବହାର ହେଉଥିବା ପରିଲକ୍ଷିତ ହେଉଛି। ସେଠାରେ କେତେକ ଶିଳ୍ପୋଦ୍ୟୋଗୀମାନେ ସେମାନଙ୍କୁ ଲିଜ ସୂତ୍ରରେ ଦିଆଯାଇଥିବା ଜମିକୁ ସାର, ସିମେଂଟ ପରି ସାମଗ୍ରୀର ଗୋଦାମ ଘର କରିଥିବାବେଳେ ଆଉ କେତେକ ବାସସ୍ଥାନ ଭାବେ ବ୍ୟବହାର କରୁଛନ୍ତି। କେତେକ ବ୍ୟକ୍ତି ଏହି ଜମିକୁ ସବ୍‌ଲିଜ ସୂତ୍ରରେ ନେଇ ସେଠାରେ ଶିକ୍ଷାନୁଷ୍ଠାନ ମଧ ପ୍ରତିଷ୍ଠା କରିଛନ୍ତି ।ଠିକ ସେହିପରି ଧରଣୀ ସୁଗାର୍ସ କମ୍ପାନୀ ପକ୍ଷରୁ ଏକ ଚିନି କଳ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଧାମନଗର ଛକ ୧୬ ନମ୍ବର ଜାତୀୟ ରଜପଥ ପାର୍ଶ୍ୱରେ ଜିଲ୍ଲା ପ୍ରଶାସନ ସରକାରୀ ଓ ବେସରକାରୀ ଜମିକୁ ମିଶାଇ ମୋଟ ୨୩୭ ଏକର ଜମି ଅଧିଗ୍ରହଣ କରିଥିଲା। ଏହାକୁ ଇଡ଼କୋ ନିଜ ଅଧିନକୁ ନେଇଥିଲା। ଉକ୍ତ ଜମି ଚାରିପଟେ ପାଚେରୀ ନିର୍ମାଣ ସମେତ ଆବଶ୍ୟକ ଭିତିଭୂମୀ ପ୍ରସ୍ତୁତ କରିସାରିଥିଲେ ମଧ ଆଜି ପର୍ଯ୍ୟନ୍ତ ଏହି ଜମି ପଡ଼ିଆ ପଡ଼ିରହିଛି। ଧରଣୀ ସୁର୍ଗାର୍ସ କେତେକ କାରଣରୁ ଚିନିକଳ ପ୍ରତିଷ୍ଠା ପ୍ରତିଷ୍ଠା ପ୍ରସ୍ତାବରୁ ଓହରି ଯିବା ପରେ ଏଠାରେ ପରବର୍ତୀ ସମୟରେ ଏକ ଫୁଡ଼ ଓ ଟେକ୍ସଟାଇଲ ପାର୍କର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିଲା। ୨୦୧୭ ମସିହାରେ ଏକ ବୟନଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଇଣ୍ଡିଆନ ଅଏଲ ପକ୍ଷରୁ ଏକ ବୁଝାମଣାପତ୍ର ରାଜ୍ୟ ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିଲା। ୧୯୭୧ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ସ୍ଥାପନ ହେବାର ଥିଲା। ଏହା ଦ୍ୱାରା ୨୫ ରୁ ୩୦ହଜାର ଯୁବକ ପ୍ରତ୍ୟେକ୍ଷ ଓ ପରୋକ୍ଷ କର୍ମନିଯୁକ୍ତି ପାଇବେ ବୋଲି ସେତେବେଳେ କୁହାଯାଇଥିଲା। କିନ୍ତୁ ଇତି ମଧ୍ୟରେ ୨ବର୍ଷ ବିତିବାକୁ ବସିଛି। କିନ୍ତୁ କମ୍ପାନୀ ଆବଶ୍ୟକ କରୁଥିବା ୭୫ ଏକର ଜମି ଏପର୍ଯ୍ୟନ୍ତ ଇଡ଼କୋ କମ୍ପାନୀକୁ ହସ୍ତାନ୍ତର କରି ନାହିଁ। ଫଳରେ ଏହି ପ୍ରକଳ୍ପ ସ୍ୱପ୍ନରେ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷରେ ଏହି ବିସ୍ତିର୍ଣ୍ଣ ଜମି ଉପରେ ମେକ୍ ଇନ ଓଡ଼ିଶା ପ୍ରକଳ୍ପରେ ବହୁ ବୃହତ୍ ଶିଳ୍ପ ପ୍ରତିଷ୍ଠା ହେବ ବୋଲି କେତେକ ଶାସକ ଦଳ ବିଧାୟକ ଓ ସାଂସଦ ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ବିଭିନ୍ନ ସଭାସମିତିରେ କହୁଥିଲ। ଇତିମଧ୍ୟରେ ନିର୍ବାଚନକୁ ୫ମାସ ବିତିବାକୁ ବସିଛି। କିନ୍ତୁ ଏପରି କିଛି ହେବାର ସମ୍ଭାବନା ଦେଖିବାକୁ ମିଳୁନାହିଁ। ତେବେ ବୟନ ଶିଳ୍ପ ପାର୍କ ପ୍ରତିଷ୍ଠା କର୍ମନିଯୁକ୍ତି ସୃଷ୍ଟି ଓ ଜିଲ୍ଲାର ଅର୍ଥନୈତିକ ବିକାଶ କରିବାର ସମ୍ଭାବନା ରଖୁଥିଲେ ମଧ ଏହି ଶିଳ୍ପ ସଂସ୍ଥା ରାଜନୈତିକ ପଶାପାଲିର ଗୋଟି ପାଲଟି ଯାଇଛି ବୋଲି ଚର୍ଚ୍ଚା ହେଉଛି। ଭଦ୍ରକ ପରି ଏକ ଶିଳ୍ପ ଅନୁନ୍ନତ ଜିଲ୍ଲାରେ ଶିଳ୍ପର ବିକାଶ ଦିଗରେ ବାସ୍ତବରେ କେଉଁ ନିର୍ଦ୍ଦିଷ୍ଟ କାରଣ ବାଧକ ସାଜୁଛି ତାହାର ସମୀକ୍ଷା ହେବାର ଆବଶ୍ୟକତା ଦେଖାଦେଇଛି।



କ୍ଷେତ୍ରପାଳ ଗ୍ରାମର ବରିଷ୍ଠ ବି.ଜେ.ଡ଼ି ନେତା ଶ୍ରୀ ନଟବର ମହାପାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି ଧର୍ମଶାଳା ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ ପାର୍ଶ୍ୱରେ ଅଛନ୍ତି ଯାଜପୁର ଜିଲ୍ଲା ବି.ଜେ.ଡ଼ି ସାଧାରଣ ସମ୍ପାଦକ ଡକ୍ଟର ପ୍ରିୟନାଥ ମହାପାତ୍ର ଓ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ନିରଞ୍ଜନ ମହାନ୍ତି








## ଟି ଟାଇମ୍

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

# ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

# ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୧୯, ଅକ୍ଟୋବର ୨୩**

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ । ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ । ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୩/୪ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି । ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ । ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ । ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ । ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ । ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନା କରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ । ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ । ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ । ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି । ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ । ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ । ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ । ତେଣୁ ଏହି ସଫଳତାରେ ଆତ୍ମହରା ନ'ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ । ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ । ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ । କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ । ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ । ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ । ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି । ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ । ଦଶବର୍ଷତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି । ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି । ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି । ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ୍ୟ ହୋଇଛି । ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି । ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ । ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ । କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ । ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ । ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍ । ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି । ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ । ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି । ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା । ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ । ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି । ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ । ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ । ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ । ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି । ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ । ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ । ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା ।

## ଆଜିର ଅନୁଚିନ୍ତା

''ନ ଇଦଂ ମମ'' (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ ।

# ମହାତ୍ମାଙ୍କ ମାହାତ୍ମ୍ୟ

ଅଙ୍ଗୁଳିମାଳ ନାମକ ଜଣେ ଦୁର୍ଦ୍ଧର୍ଷ ଡାକୁ ଥିଲା । ଲୁଣ୍ଠନ, ହତ୍ୟା ଥିଲା ପେସା । ଲୋକମାନଙ୍କୁ ନିର୍ବିକାରରେ ହତ୍ୟା କରିବା ପରେ ସେ ସେମାନଙ୍କ ଅଙ୍ଗୁଳିସବୁ କାଟି ମାଳା କରି ପିନ୍ଧୁଥିଲା । ଏହି କାରଣରୁ ତା'ର ନାମ ଥିଲା ଅଙ୍ଗୁଳିମାଳ । ପଥଚାରୀ ତଥା ଯାତ୍ରୀମାନଙ୍କୁ ଦେଖିଲେ ସେମାନଙ୍କୁ ହତ୍ୟା କରି ଲୁଣ୍ଠନ କରିବା ଥିଲା ତା'ର ସଉକ । ଦୟା, ମାୟା, ମମତା ଏସବୁ ହାର୍ ମାନିଥିଲା ତା'ର କ୍ରୂର ପ୍ରକୃତି ନିକଟରେ । ଏଭଳି ନୃଶଂସ ପ୍ରକୃତି ଯୋଗୁଁ ଲୋକେ ତା'ର ନାମ ଶୁଣି ଭୟରେ ଥରୁଥିଲେ । ସଂଯୋଗବଶତଃ ଥରେ ମହାତ୍ମାବୁଦ୍ଧ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନ ବୁଲୁଥିବାବେଳେ ଅଙ୍ଗୁଳିମାଳ ରହୁଥିବା ଅଞ୍ଚଳରେ ପହଞ୍ଚିଲେ । ତଥାଗତ ଓ ତାଙ୍କ ଶିଷ୍ୟମାନଙ୍କୁ ଦେଖି ସ୍ଥାନୀୟ ଜନସାଧାରଣ ତାଙ୍କୁ ଅନୁରୋଧ କଲେ ଶୀଘ୍ର ସେହି ସ୍ଥାନ ଛାଡ଼ି ଚାଲିଯିବା ନିମିତ୍ତ । ଅଙ୍ଗୁଳିମାଳ ଯେକୌଣସି ମୁହୂର୍ତ୍ତରେ ତାଙ୍କର କ୍ଷତି ପହଞ୍ଚାଇପାରେ- ଏହି ଆଶଙ୍କାରେ ସେମାନେ ଏପରି ଅନୁରୋଧ କରିଥିଲେ । ତଥାଗତ କିନ୍ତୁ ଏହାପ୍ରତି କର୍ଣ୍ଣପାତ ନ କରି ପୂର୍ବବତ୍ ସେହି ସ୍ଥାନରେ ଶିଷ୍ୟମାନଙ୍କ ସହ ବୁଲୁଥାନ୍ତି । ଅଙ୍ଗୁଳିମାଳ ତଥାଗତଙ୍କ ଉପସ୍ଥିତି ସମ୍ପର୍କରେ ଜାଣିବାପରେ

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଞ୍ଚବଟ ....

କ୍ରୋଧରେ ଅସ୍ଥିର ହୋଇ ସେହି ସ୍ଥାନରେ ପହଞ୍ଚିଲା । ତଥାଗତଙ୍କୁ ଦେଖୁଦେଖୁ ଆକ୍ରମଣ କରିବାକୁ ଉଦ୍ୟତ ହେଲା । ଦୟା, କ୍ଷମା, ଅହିଂସା, କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ମହାତ୍ମା ବୁଦ୍ଧ ଅବିଚଳ ଭାବରେ ଅଙ୍ଗୁଳିମାଳକୁ ଅନାଇ ମୃଦୁ ହସ ହସିଲେ । ଆକ୍ରମଣ କରିବାପୂର୍ବରୁ ତଥାଗତଙ୍କୁ ଅନାଇଲା ଅଙ୍ଗୁଳିମାଳ । ଚାରିଚକ୍ଷୁର ମିଳନ ହେଲା । ଅବିଶ୍ୱସନୀୟ ଘଟଣା ଘଟିଲା । ତଥାଗତଙ୍କୁ ଦେଖିଲାମାତ୍ରେ ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ବିବଶ ହୋଇଗଲା ଅଙ୍ଗୁଳିମାଳ । ତା'ର ଲୌହ ଭଳି କଠିନ ହୃଦୟ କୋମଳତାର ସ୍ପର୍ଶରେ ତରଳିଯିବା ଭଳି ବୋଧହେଲା । ପ୍ରଜ୍ୱଳିତ ଅଗ୍ନି ଜଳସଂସ୍ପର୍ଶରେ ଆସିଲେ ଯାହା ହୁଏ ଠିକ୍ ସେହି ଅବସ୍ଥା ହେଲା ଅଙ୍ଗୁଳିମାଳର । ଏବେ ତଥାଗତ ଅଙ୍ଗୁଳିମାଳ ଉଦ୍ଦେଶ୍ୟରେ କହିଲେ- 'ଭାଇ ! ସମ୍ମୁଖରେ ଯେଉଁ ଗଛ ଦେଖାଯାଉଛି, ତହିଁରୁ କିଛି ପତ୍ର ଛିଡ଼ାଇ ଆଣ ତ ।' ଆଜ୍ଞାବହ ଭୃତ୍ୟ ସଦୃଶ ଉତ୍ସାହସହକାରେ ଅଙ୍ଗୁଳିମାଳ ତ୍ୱରିତ ଗତିରେ ଯାଇ ଦଶ,ବାରଟି ପତ୍ର ଛିଡ଼ାଇ ଆଣି ତଥାଗତଙ୍କ ସମ୍ମୁଖରେ ହାଜର ହେଲା । ଏବେ ତଥାଗତ କହିଲେ- 'ଆଉ ଏକ କାମ କର । ସେହି ପତ୍ରଗୁଡ଼ିକୁ ନେଇ ଯେଉଁଠୁ ଛିଡ଼ାଇଥିଲ ସେହିଠାରେ ଯୋଡ଼ିଦିଅ । ମୁଁ ଭାବୁଛି ଖୁବ୍ ସହଜରେ ତୁମେ ଏହା କରିପାରିବ ।' ଏହା କିଭଳି ସମ୍ଭବ ? ଥରେ ଛିଡ଼ିଲାପରେ ପୁନର୍ବାର ଯୋଡ଼ିବା ତ ସମ୍ପୂର୍ଣ୍ଣ ଅସମ୍ଭବ- ଅଙ୍ଗୁଳିମାଳ କହିଲା । 'କାହିଁକି ନୁହେଁ ? ଏବେ ତୁମେ ଜାଣିଲ ଯେ ଛିଡ଼ାଇବା (ଭାଙ୍ଗିବା) ଖୁବ୍ ସହଜ, କିନ୍ତୁ ଗଢ଼ିବା (ଯୋଡ଼ିବା) ସମ୍ଭବ ନୁହେଁ । ତେବେ ତୁମେ କାହିଁକି ଭାଙ୍ଗିବା ଭଳି ଅନିଷ୍ଟସାଧନ କାର୍ଯ୍ୟରେ ଲାଗିଛ ? ଯାହାର ଗଢ଼ିବାର ଶକ୍ତିଥାଏ, ସେ ହିଁ କେବଳ ଭାଙ୍ଗିବା ଉଚିତ । ଅନ୍ୟକୁ ଜୀବନଦେଇ ପାରିବ ନାହିଁ ଯେତେବେଳେ ଅନ୍ୟର ଜୀବନ ନେଉଛ କାହିଁକି ? ଅନ୍ୟର ହିତସାଧନ କରୁନଥିବାବେଳେ ସେମାନଙ୍କର ଅହିତସାଧନ କରୁଛ କାହିଁକି ?' ତଥାଗତଙ୍କ ମୁହଁରୁ ଏହି ପରମପାବନ କଥା ଶୁଣିଲାପରେ ଅଙ୍ଗୁଳିମାଳ ନିଜ ଭୁଲ ବୁଝିପାରିଥିଲା । ସେହିଦିନଠାରୁ ସେ ହିଂସାର ପଥ ପରିହାର କରି ତଥାଗତଙ୍କ ଶରଣ ନେଲା । ତା'ର କଣ୍ଠରୁ ନିଃସୃତ ହେଲା, ସେହି ମହାମନ୍ତ୍ର- ବୁଦ୍ଧଂ ଶରଣଂ ଗଚ୍ଛାମି.... । ମହାତ୍ମାଙ୍କ ଦୁଇ ଚାରିପଦ କଥା ତା'ର କଣ୍ଟକିତ, ଘୃଣିତ ଜୀବନର ମାର୍ଗ ବଦଳାଇ ଦେଇଥଲା । ସାଧୁସନ୍ଥ, ମହାତ୍ମାମାନଙ୍କ ବୈଶିଷ୍ଟ୍ୟ ଏହା ଯେ ଅସମ୍ଭବ ବୋଧ ହେଉଥିବା କାର୍ଯ୍ୟ ସେମାନଙ୍କ ନିକଟରେ ସମ୍ଭବ ହୋଇଥାଏ ।

# ମମତାଙ୍କ ହିଂସାବାଦୀ ରାଜନୀତି

**ସୌମେନ୍ଦ୍ର ଜେନା**



କେହି ଯଦି ଗତ ଲୋକସଭା ନିର୍ବାଚନରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି କୁହାଯାଏ, ତେବେ ତାର ଉତ୍ତର ହେବ ତୃଣମୂଳ କଂଗ୍ରେସ । ସବୁଠୁ ଅଧିକ ରାଜନୈତିକ ହିଂସାରେ ଯଦି କୌଣସି ପ୍ରଦେଶରେ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ହିସାବ କରାଯାଏ, ତେବେ ତା' ହେବ ପଶ୍ଚିମବଙ୍ଗ । ନିର୍ବାଚନ ସମୟରେ ଏବଂ ପରେ ଯଦି କୌଣସି ନେତା ସବୁଠୁ ଅଧିକ ପ୍ରତିକ୍ରିୟାଶୀଳ ମନ୍ତବ୍ୟ ଦେଇଥିବା ବିଚାରକୁ ନିଆଯିବ ତେବେ ସେ ହେବେ ଦିଦି ମମତା ବାନାର୍ଜୀ । ନିକଟରେ ଏକ ଦଳୀୟ ସଭାକୁ ଯିବାବେଳେ ସାନସାନ ପିଲାମାନଙ୍କ ଜୟ ଶ୍ରୀରାମ ସ୍ଲୋଗାନ ଭାଟପଡାରେ ଦିଦିଙ୍କ ପାଇଁ ଏତେ ଗାତ୍ରଦାହ ସୃଷ୍ଟି କଲା ଯେ ପ୍ରତିକ୍ରିୟାରେ ସେ ଦିଦି ସେମାନଙ୍କ ପିଠିରୁ ଛାଲ ଉତାରି ଦେବାପାଇଁ ଧମକ ଦେଇ ବସିଲେ । ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଓ ବର୍ତ୍ତମାନର ଗୃହମନ୍ତ୍ରୀ ଅମିତ ଚନ୍ଦ୍ର ସାହାଙ୍କୁ ଦିଦି ଜେଲରେ ଭର୍ତ୍ତି କରିଦେବା ଲାଗି ମଧ୍ୟ ସାଧାରଣ ସଭାରେ ଧମକ ଦେଇ ବସିଲେ । ଏକଥା କହିବା ସମୟରେ ସେ ସ୍ଥାନ, କାଳ, ପାତ୍ର ସବୁକିଛି ଭୁଲି ଯାଇଥିଲେ । ବୟସାଧିକ୍ୟ କାଳରେ ମଣିଷ ଋପଗ୍ରସ୍ତ ଜୀବନରେ ରହିଲେ ଏପରି ମତିଭ୍ରମ ହେବା ସ୍ୱାଭାବିକ । ଏକଦା ଜ୍ୟୋତି ବସୁଙ୍କ ଲିଗାସୀକୁ ଆଗକୁ ନେଇଥିବା ମମତା ଏବେ କମ୍ୟୁନିଷ୍ଟ କ୍ୟାଡରମାନଙ୍କୁ ନେଇ ଅଧିକ କିଛି କରିପାରିବେ ନାହିଁ ବୋଲି ଧରିନେଲେଣି । ରାଜ୍ୟରେ ଜ୍ୟୋତି ବସୁ ଯେଉଁ ସବୁ ଗୁଣ୍ଡା ଏବଂ ଠିକାଦାର ଶ୍ରେଣୀର ଲୋକଙ୍କୁ ନିଜପକ୍ଷରେ ରଖି ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ ଆସୁଥିଲେ ମମତା ସେହିସବୁ ଲୋକଙ୍କୁ ନିଜ ଦଳରେ ସାମିଲ କରି ସରକାରକୁ ଆସିଲେ । କିନ୍ତୁ ବିରୋଧୀ ଦଳରେ ରହି ସଡକରେ ଯେମିତି ସେ ସ୍ଲୋଗାନ ଦେଉଥିଲେ ଏବେ ସରକାରରେ ରହି ସମାନ ଭାଷାରେ ସ୍ଲୋଗାନ ଦେଉଛନ୍ତି । ଯେତେବେଳେ ବିରୋଧ କରିବାକୁ ହେଉଛି ସଡକରେ ପଦଯାତ୍ରା କରୁଛନ୍ତି । ନଚେତ ମନ୍ତ୍ରିମଣ୍ଡଳକୁ ନେଇ ଧାରଣାରେ ବସି ପଡୁଛନ୍ତି । ଏବେ ନିଜ ବିରୋଧୀମାନଙ୍କୁ ବିରୋଧ କରିବାକୁ ସେ ନିଜ ଦଳୀୟ ଲୋକଙ୍କୁ ହାଲୋ ବଦଳରେ ଜୟବାଙ୍ଗଲା ସ୍ଲୋଗାନ ଦେବାକୁ ଆହ୍ୱାନ ଦେଉଛନ୍ତି । କାରଣ ବିଜେପି ଲୋକଙ୍କ ଜୟ ଶ୍ରୀରାମ ସ୍ଲୋଗାନକୁ ବିରୋଧ କରିବାକୁ ସେ ଏପରି କରିବାକୁ ଋହୁଁଛନ୍ତି ।

ସେ ଆଞ୍ଚଳିକତାର ଆଉ ଏକ ସଂକୀର୍ଣ୍ଣ ସ୍ଲୋଗାନ ଦେଇ କହିଛନ୍ତି ଯେ ବାହାରର ଲୋକ ରାଜ୍ୟରେ ରୋଜଗାର ଓ ବସବାସ କରି ନିଜ ଇଚ୍ଛାରେ କାର୍ଯ୍ୟ କରିପାରିବେ ନାହିଁ । ଏହା କାଶ୍ମୀରୀ ମାନସିକତା ସହ ସମାନ । ରାଜ ଠାକରେ ମହାରାଷ୍ଟ୍ର ନବନିର୍ମାଣ ସେନା ମାଧ୍ୟମରେ ଏ ପ୍ରକାର ବିଦ୍ୱେଷକୁ ରାଜ୍ୟରେ ବ୍ୟାପକ କରି ସଡକରେ ଅଣମରାଠୀଙ୍କୁ ମାଡ ଦେବାଲାଗି ଯେଉଁ ଆହ୍ୱାନ ଦେଇଥିଲେ ତାହା ପରେ ତାଙ୍କ ପାଇଁ ବୁମେରାଂ ସଦୃଶ ହୋଇଥିଲା । ପଶ୍ଚିମବଙ୍ଗରେ ମମତାଙ୍କ ଅବସ୍ଥା ମଧ୍ୟ ସେମିତି ହେବାକୁ ଯାଉଛି ।

ଦେଶର ମହାଭାରତୀୟ ସଂସ୍କୃତିରେ କୌଣସି ବ୍ୟକ୍ତି, ଦଳ ବା ନେତା ରହିଲେ ମଧ୍ୟ କୌଣସି ରାଜ୍ୟକୁ ବିଚ୍ଛିନ୍ନ କରିପାରିବେ ନାହିଁ କି ଲୋକମାନଙ୍କୁ ଦେଶର ମୁଖ୍ୟଧାରାଠାରୁ ଅଲଗା କରିପାରିବେ ନାହିଁ । ଏହା ସତ ଯେ ପଶ୍ଚିମବଙ୍ଗରେ ବଙ୍ଗଳାଦେଶୀ ମୁସଲମାନଙ୍କ ସଂଖ୍ୟା ପ୍ରାୟ ଏକ ତୃତୀୟାଂଶ । ଯେଉଁଥିପାଇଁ ରୋହିଙ୍ଗିଆ ଏବଂ ଅନୁପ୍ରବେଶକାରୀଙ୍କୁ ମମତା ଖୋଲାଖୋଲି ସମର୍ଥନ ଦେଇ ବରଂ ସେ ପରି ମୁସଲିମ ନେତାଙ୍କୁ ମଞ୍ଚରୁ ଉତ୍ତେଜକ ଭାଷାରେ ବକ୍ତବ୍ୟ ଦେବାକୁ ସୁଯୋଗ ଦେଉଛନ୍ତି । ଯେଉଁଥିପାଇଁ ସେ ପଶ୍ଚିମବଙ୍ଗର ହିନ୍ଦୁ ଅନ୍ୟପ୍ରାନ୍ତର ଲୋକଙ୍କଠାରୁ ଦୂରେଇ ଯାଉଛନ୍ତି । କୋଲକାତା ସମେତ ରାଜ୍ୟର ଅନେକ ଅଞ୍ଚଳରେ ପଡୋଶୀ ବିହାର ଲୋକଙ୍କ ପ୍ରଭାବ ବହୁତ ବୋଲି ରହିଛି । ଯେଉଁମାନେ ହିନ୍ଦୀଭାଷୀ ସେମାନେ ରାମନବମୀକୁ ସବୁଠି ଧୂମଧାମରେ ପାଳନ କରିବାକୁ ଋହାଁନ୍ତି ଯାହାକି ମମତା ମୁସଲିମ୍ ବିରୋଧୀ ପର୍ବ ବୋଲି କହୁଛନ୍ତି । ଶୋଭାଯାତ୍ରା ଉପରେ କଟକଣା ଜାରି କରୁଛନ୍ତି । ଫଳରେ ସେମାନେ ଅଧିକ ଉଗ୍ର ଏବଂ ପ୍ରତିକ୍ରିୟାଶୀଳ ହୋଇଛନ୍ତି । ଏହାର ସୁଯୋଗରେ ମମତାଙ୍କ ମୁସଲିମ ଗୁଣ୍ଡା ବାହିନୀର ସମ୍ମୁଖୀନ ହେବା ଲାଗି ବିଜେପି ନେତା ମୁକୁଲ ରାୟ ଅର୍ଜୁନ ସିଂହଙ୍କ ପରି ବିହାରୀ ବାହୁବଳୀ ନେତାଙ୍କୁ ଦଳରେ ସାମିଲ କରିଛନ୍ତି । କେବଳ ସେତିକି ନୁହେଁ ଅର୍ଜୁନଙ୍କ ସମର୍ଥକ ଏବଂ ବାରାକପୁର ମ୍ୟୁନିସିପାଲିଟିର ଅନେକ କର୍ପୋରେଟର ଏବେ ବିଜେପିରେ ଯୋଗଦେଇଛନ୍ତି । ଗତ ନିର୍ବାଚନରେ ଅନେକ ହିଂସାକାଣ୍ଡ, ବୁଥ ଦଖଲ, ଧମକ ସତ୍ତ୍ୱେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ରାଜ୍ୟରେ ମୁତୟନ ହେବା ପରେ ମମତାଙ୍କ ଦଳ ପକ୍ଷରୁ ବୁଥ ଦଖଲ ଓ ଭୋଟରଙ୍କୁ ଭୟଭୀତ କରି ଭୋଟଦାନରୁ ବଞ୍ଚିତ କରିବାପରି କାର୍ଯ୍ୟ ହ୍ରାସ ପାଇଥିଲା । ଯାହାଫଳରେ ଭୋଟରମାନେ ଖୋଲାଖୋଲି କିଛି ପର୍ଯ୍ୟାୟରେ ମତଦାନ କରିବା ଯୋଗୁ ବିଜେପି ସେଠାରେ ସଫଳ ହେଲା । ଏବେ ରାଜ୍ୟରେ ବିରୋଧୀଙ୍କୁ ବିଦ୍ୱେଷ ଦୃଷ୍ଟିରେ ଦେଖି ମମତା ଯେପରି ବକ୍ତବ୍ୟ ଦେଇଋଲିଛନ୍ତି ତାହା ତାଙ୍କ ଅସୁସ୍ଥ ମାନସିକତା ଓ ଗଣତାନ୍ତ୍ରିକ ବିଋରର ବିରୋଧୀ, ଯାହା ରାଜ୍ୟ ଏବଂ ଦେଶ ପାଇଁ ଢେର କ୍ଷତିକାରକ ।

ଏତେସବୁ ସତ୍ତ୍ୱେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସାକାଣ୍ଡ ବନ୍ଦ ହେବା ଜଣାପଡୁନାହିଁ । ଶାସକଦଳର ନେତୃବୃନ୍ଦ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବକ୍ତବ୍ୟ ତଳସ୍ତରରେ କର୍ମୀମାନଙ୍କୁ ହିଂସାପାଇଁ ପ୍ରୋତ୍ସାହିତ କଲାବେଳେ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଦେଉଥିବା ବକ୍ତବ୍ୟ କେନ୍ଦ୍ର-ରାଜ୍ୟ ମୁକାବିଲା ପରିସ୍ଥିତି ସୃଷ୍ଟି କରିଛି । ବିରୋଧ ପାଇଁ ବିରୋଧ



କରିବାକୁ କେନ୍ଦ୍ର ସରକାର ନୀତି ଆୟୋଗଠାରୁ ଆରମ୍ଭ କରି ସୁରକ୍ଷା ଯବାନଙ୍କୁ ମଧ୍ୟ ମମତା ସମାଲୋଚନା କରିସାରିଛନ୍ତି । ନିର୍ବାଚନ ଶେଷ ହେବା ପୂର୍ବରୁ ମମତା ଯେଉଁ ଦମ୍ଭ ପ୍ରକାଶ କରୁଥିଲେ ଏବେ ତାହା ଆଉ ନାହିଁ । ପ୍ରତିଦିନ ତୃଣମୂଳ କଂଗ୍ରେସର ନେତା ଏବଂ ପାରିଷଦମାନେ ଦଳ ଛାଡିବାରେ ଲାଗିଛନ୍ତି । ଏପରିକି ସହଯୋଗୀ ଦଳମାନଙ୍କରୁ ମଧ୍ୟ ନେତାମାନେ ଦଳ ଛାଡିବାରେ ଲାଗିଛନ୍ତି ।

ବଙ୍ଗଳାରେ ମାଡତତ୍ତ୍ୱ -ପ୍ରଧାନ ରାଜନୀତି ଆଜକୁ ପ୍ରାୟ ପଚାଶବର୍ଷ ପୂର୍ବେ ସିଦ୍ଧାର୍ଥ ଶଙ୍କର ରାୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଥିବା ସମୟରେ ଆରମ୍ଭ କରିଥିଲେ । ସେତେବେଳେ ରାଜ୍ୟରେ କଂଗ୍ରେସର ସରକାର ଥାଏ ଆଉ ବିରୋଧୀ ପକ୍ଷରେ ଥାଆନ୍ତି କମ୍ୟୁନିଷ୍ଟମାନେ । କମ୍ୟୁନିଷ୍ଟମାନଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟ ନେଇ ସିଦ୍ଧାର୍ଥ ଶଙ୍କର ରାୟ ରାଜ୍ୟର ପୁଲିସ ବାହିନୀକୁ ଉପଯୋଗ କରି ବିରୋଧୀ ପକ୍ଷର ଲୋକଙ୍କୁ ଆଖିବୁଜା ମାଡ ଦେଲେ । ସେହି ମାଡତତ୍ତ୍ୱକୁ ବିରୋଧ କରି ଲୋକେ ପରେ କମ୍ୟୁନିଷ୍ଟ ସରକାରକୁ ଶାସନକୁ ଆଣିଲେ ଯାହା ପ୍ରାୟ ତିନିଦଶନ୍ଧିରୁ ଅଧିକ କାଳ ପାଇଁ ଶାସନକରି ଏକ ରେକର୍ଡ ପ୍ରତିଷ୍ଠା କଲା । ହେଲେ ସିଦ୍ଧାର୍ଥଙ୍କ ପରେ ସରକାରକୁ ଆସିଥିବା ସିପିଏମ ଦଳ ସିଦ୍ଧାର୍ଥଙ୍କ ମାଡତତ୍ତ୍ୱକୁ କାଏମ ରଖି ବିରୋଧୀମାନଙ୍କୁ ଭୟଭୀତ କରି ରଖିବାକୁ ଉପଯୋଗ କଲା । ନନ୍ଦିଗ୍ରାମ ଓ ସିଙ୍ଗୁର ଆନ୍ଦୋଳନବେଳେ ସିପିଏମ୍ ସରକାର ଏପରି ଅତ୍ୟାଋର ଚଳାଇଲା ଯେ ଅନେକ ଦଳୀୟ କର୍ମୀ ଏବଂ ନେତାମାନେ ଦଳରୁ ବାହାରିଯାଇ କିମ୍ବା ଦଳ ଭିତରେ ଥାଇ ମମତାଙ୍କ ତୃଣମୂଳକୁ ସବୁପ୍ରକାର ସାହାଯ୍ୟ ଏବଂ ସମର୍ଥନ କରିବାରୁ ମମତାଙ୍କ ତୃଣମୂଳ କଂଗ୍ରେସର ସରକାର ପଶ୍ଚିମବଙ୍ଗରେ ଶାସନକୁ ଆସିଲା । ଶାସନକୁ ଆସିବାପରେ ତୃଣମୂଳ ଲୋକେ ସିପିଏମ ଉପରେ ସମାନ ଢଙ୍ଗରେ ମାଡତତ୍ତ୍ୱକୁ ପ୍ରୟୋଗ କଲେ । ଏହି ସୁଯୋଗରେ ରାଜ୍ୟରେ ମୁଣ୍ଡ ଟେକୁଥିବା ବିଜେପି ଦଳର ସରକାର କେନ୍ଦ୍ରରେ ଆସିବାପରେ ତଳସ୍ତରରେ ରାଜ୍ୟରେ ଅନେକ ବିରୋଧୀ ପକ୍ଷ ନେତା ଓ ମାଡ ଖାଉଥିବା କର୍ମୀ ନିଜ ସୁରକ୍ଷା ପାଇଁ ବିଜେପିକୁ ସମର୍ଥନ ଦେଲେ କିମ୍ବା ସେଥିରେ ମିଶିଗଲେ । ଫଳରେ ପଞ୍ଚାୟତ ନିର୍ବାଚନକୁ ସବୁଦଳ ନିଜ ସମ୍ମାନର ପ୍ରଶ୍ନ ଭାବେ ଗ୍ରହଣ କରି ଲଢେଇ ଜାରି ରଖିଲେ । ଗ୍ରାମାଞ୍ଚଳରେ କମ୍ୟୁନିଷ୍ଟ ଓ କଂଗ୍ରେସର ଅନେକ କର୍ମୀ ତୃଣମୂଳର କର୍ମୀମାନଙ୍କୁ ବିରୋଧ କରିବାଲାଗି ବିଜେପିରେ ସାମିଲ ହୋଇ ସେମାନଙ୍କୁ ସାମନା କଲେ । ମୋଦିଙ୍କ ପୂର୍ବଭାରତ ଦୃଷ୍ଟିକୁ ନେଇ ଓଡିଶା ସମେତ ବଙ୍ଗଳା ଟାର୍ଗେଟରେ ରହିବାରୁ ଦୁଇଦଳର କର୍ମୀମାନେ 'କର ବା ମର' ନୀତିକୁ ଧରିଲେ । ଫଳରେ ଗତ ପଞ୍ଚାୟତ ନିର୍ବାଚନ କାଳରେ ବ୍ୟାପକ ହିଂସାକାଣ୍ଡ ରାଜ୍ୟରେ ଘଟି ବହୁଲୋକ ହତାହତ ହୋଇଥିଲେ । ଚଳିତବର୍ଷ ପୁଣି ଲୋକସଭା ନିର୍ବାଚନର ପ୍ରଋରକାଳରେ ଏବଂ ଏବେ ମଧ୍ୟ ସେହି ସ୍ଥିତି ଜାରିରହିଛି । ବଙ୍ଗଳାର କ୍ୱାଇଁ ନିମନ୍ତ୍ରଣ ପାଇଁ ଉତ୍ସବ ଋଲିଥିଲାବେଳେ ଉତ୍ତର ଚବିଶ ପ୍ରଗଣା ଜିଲ୍ଲାରେ ବିଜେପି ନେତା ପ୍ରଦୀପ ମଣ୍ଡଳଙ୍କ ଘର ଉପରେ ୪୦୦ ସଶସ୍ତ୍ର ଲୋକଙ୍କ ଆକ୍ରମଣ ପରେ ଅନେକ ହତାହତ ହୋଇଥିଲେ । ନିର୍ବାଚନପର ହିସାଂରେ ବିଜେପିର ଅନେକ ନେତା ଓ କର୍ମୀଙ୍କୁ ହତ୍ୟା କରାଗଲାଣି ବୋଲି ବରିଷ୍ଠ ନେତା ମୁକୁଲ ରାୟ ପ୍ରକାଶ କରିଛନ୍ତି । ଏହି ଆକ୍ରମଣରେ ବଙ୍ଗଳାଦେଶୀ ତସ୍କର ଓ ମାଫିଆମାନଙ୍କୁ ତୃଣମୂଳ ସାମିଲ କରିଥିବା ଅଭିଯୋଗ ଆସିବା ପରେ ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ ସକ୍ରିୟ ହୋଇଉଠିଛି । ରାଜ୍ୟପାଳ ରାଜ୍ୟର ପରିସ୍ଥିତି ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ସୂଚିତ କରିଛନ୍ତି । ରାଜ୍ୟ ପାଇଁ କେନ୍ଦ୍ର ସରକାର ହିଂସାକାଣ୍ଡ ବନ୍ଦ କରିବାକୁ ଯେଉଁ ଉପଦେଶ ଦେଇ ରିପୋର୍ଟ ତଲବ କରିଥିଲେ, ତାକୁ ରାଜ୍ୟ ସରକାର ସିଧାସଳଖ ଖାରଜ କରି ଦେଇଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଉପସ୍ଥିତିରେ ବଙ୍ଗଳାର ପରିସ୍ଥିତିକୁ ନେଇ ଆଲୋଚନା ହୋଇଛି । ତେଣେ କେନ୍ଦ୍ର ସରକାରଙ୍କ ଉପରେ ଋପ ପଡିଲାଣି ରାଜ୍ୟରେ ରାଷ୍ଟ୍ରପତି ଶାସନ ପାଇଁ । ପଶ୍ଚିମବଙ୍ଗରେ ୨୦୨୧ରେ ନିର୍ବାଚନ ହେବାକୁ ଥିବା ହେତୁ ଏତେ ଲମ୍ବା ସମୟ ପାଇଁ ରାଷ୍ଟ୍ରପତି ଶାସନ ଚଳାଇ ରଖିବା ଆଦୌ ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । କିନ୍ତୁ ଯଦି ରାଜ୍ୟର ପରିସ୍ଥିତିରେ କିଛି ପରିବର୍ତ୍ତନ ନହୁଏ ତେବେ କେନ୍ଦ୍ର ସରକାରଙ୍କ ହାତରେ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ । ବଙ୍ଗଳାର ପ୍ରତିପକ୍ଷ ବା ବିରୋଧୀଙ୍କୁ ମାଡ ଦେଇ ପାଟି ଚୁପ୍ କରାଇବା ବିରୋଧୀ, କର୍ମୀଙ୍କ ମଧ୍ୟରେ ଏହାଦ୍ୱାରା ଭୟ ସୃଷ୍ଟି କରିବାର ପୁରୁଣା କୌଶଳଟି ସେଠାରେ ଋଲୁରହିଲେ ପରିସ୍ଥିତି ଜଟିଳ ହେବ, ଏଥିରେ ଆଦୌ ସନ୍ଦେହ ନାହିଁ ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର–୭୫୧୦୦୩*

# ପ୍ରତିକ୍ରିୟା

## ଆଚରଣ ଓ ଉଚ୍ଚାରଣ
**•••ଦାସେ•••**

ଏ ଦାସ ସହ ତା'ର ପିଲା ଦିନର ପାଠବିକାଳୀଙ୍କର ଭେଟ ହେଲା । କହିଲେ, 'ତୋ ସହିତ ଟିକେ କଥା ଅଛି । ତୁ ଗୋଟେ ଏମିତି କିଛି କ'ଣ ଲେଖୁଥିଲୁ କି ଶିକ୍ଷା ଅଭିଯାନ ଉପରେ ? ତୋ ନାମରେ ବହୁତ ଆଲୋଚନା ହେଉଥିଲା ଅମକେଇ ପୋଲ ଉପରେ । ତୁ ସେ ଲେଖାରେ ଯାହା ଯାହା ଲେଖିଥିଲୁ ତାହା ଭଲ ଲାଗିଲା । କେଉଁଠୁ ଏଗୁଡ଼ାକ ସଂଗ୍ରହ କଲୁ ?' ଦାସ ଉତ୍ତର ଦେଲା "ଜଣେ ସି.ଆର୍.ସି.ଏ କଥା ସବୁ କହୁଥିଲେ ଏକ ଘରୋଇ ବସ୍‌ରେ ଯାତ୍ରାକଲାବେଳେ ।"

"ମୋତେ ଲାଗୁଛି ତୁ ଆହୁରି ବହୁତ ଗୁଡ଼ାଏ କଥା ଛାଡ଼ିଯାଇଛୁ । ତୁତ ଗଲାଥରରେ ସି.ଆର୍.ସି. ଓ ବି.ଆର.ସିଙ୍କ ଉପରେ ଲେଖିଥିଲୁ । ଏଥରକ ଭିଲେଜ୍ କମିଟି ଉପରେ ଲେଖ୍ । ଏ ଭିଲେଜ୍ କମିଟିରେ ଯେଉଁମାନେ ଅଛନ୍ତି ପ୍ରାୟ ସେଥିରୁ ଅଧିକାଂଶ ଏତେମାତ୍ରାରେ ପାଠକୁ ନୁହଁନ୍ତି । ଗଧାଳୁଙ୍କ ସଂଖ୍ୟା ବେଶୀ । ଏ କି ନିୟମ କେଜାଣି ଜଣେ ସି.ଟି କିମ୍ବା ବି.ଇ.ଡ଼ି. ପାଠ ବିକାଳୀଟିଏ ମାସକୁ ଯିଏ ୧୨ ହଜାରରୁ ଉର୍ଦ୍ଧ୍ୱ ଦରମା ପାଉଛି ସେ ବିଚରା ଏ ମୁର୍ଖ ଗଧମାନଙ୍କୁ ଆଜ୍ଞା, ଆଜ୍ଞା କହିବ ଯେମିତି ସି.ଆର୍.ସି. ଓ ବି.ଆର.ସି.ମାନଙ୍କ ଛାନିଆରେ ପ୍ରଧାନ ପାଠବିକାଳୀ ବିକାଳୁଣୀମାନେ ସେମାନଙ୍କୁ ସିଗାରେଟ୍ ଦେଉଛନ୍ତି । ଅପାଠୁଆ, ମୂର୍ଖ, ଗଧ ସଭାପତିମାନେ ସବୁ ପାଠବିକାକେନ୍ଦ୍ରର ଉନ୍ନତିରେ ରହିଲେ ପାଠ ବିକାକେନ୍ଦ୍ରଗୁଡ଼ିକ ହାଟରେ ପରିଣତ ହେବ ଏକଥା କେହି ଅସ୍ୱୀକାର କରିବେ ନାହିଁ । ଶୁଣ ଏକ ଗାଁରେ ପାଠୁଆଙ୍କ ଠାରୁ ଗଧଙ୍କ ସଂଖ୍ୟା ବେଶୀ । ଏବେ କୈଣସି ଏକ ଗଧଭିତରେ ଘୋଡ଼ା ସଭାପତି ହୋଇଛି । ପାଠବିକାକେନ୍ଦ୍ରକୁ ଆସିଥିବା ପଇସା ଉପରେ ତା'ର ନଜର । ସେ ପାଠବିକାଳୀମାନଙ୍କୁ ତୁ,ତାକର କରୁଛି । ତା' ଦେଖାଦେଖି ପାଚିକାଙ୍କ ସ୍ୱାମୀ (ଯେହେତୁ ପାଚିକାମାନେ ରୋଷେଇ କରିବାକୁ ଆସୁନାହାନ୍ତି !)ମାନେ ମଧ୍ୟ ତଦ୍ରୂପ ବ୍ୟବହାର କରୁଛନ୍ତି । ଦୈନିକ ଯେଉଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଚାଲିଛି ସେଥି ଉପରେ ତ ବେଶୀ ନଜର ଏ ଭିଲେଜ୍ କମିଟିର ସମସ୍ତ ସଭ୍ୟଙ୍କର କାରଣ ସେ ବାବଦରେ ଆସୁଥିବା ଦ୍ରବ୍ୟ, ଟଙ୍କାଙ୍କୁ ଏମାନେ ଯେକୌଣସି ଉପାୟରେ ଦୈନିକ କମ୍ ପଇସା ଖର୍ଚ୍ଚ କରି ଆଉ ବଳକା ପଦବୀ ଅନୁସାରେ ବାଂଟିକୁଂଟି ନେଉଛନ୍ତି । ପାଠବିକାକେନ୍ଦ୍ରର ଉନ୍ନତି ପାଇଁ ଆସିଥିବା ପଇସା ଉପରେ ଏ ଗ୍ରାମ୍ୟ କମିଟି/ପରିଷଦର ପ୍ରବଳ ଲୋଭ । ଯେଉଁ ଯେଉଁ ସ୍ଥାନରେ ବେପାରୀମାନେ ଦାୟିତ୍ୱ ନେଉଛନ୍ତି ସେମାନଙ୍କ ଚକ୍କର କିପରି କିସ୍ତି ଟଙ୍କାଟା ଶୁଝିହୁଅନ୍ତା ଏ ପଇସାରୁ ଯେହେତୁ ବର୍ତ୍ତମାନ ଗାଡ଼ିଠାରୁ ଘୋଡ଼ା ବେପାର ଯାଏଁ ସବୁଠି ମାନ୍ଦା ବେପାର । ଆଉ କିଛି କିଛି ସ୍ଥାନରେ ଅବସରପ୍ରାପ୍ତ ପାଠବିକାଳୀଙ୍କ ଦୌରାତ୍ମ୍ୟ ନକହିଲେ ନସରେ । ନିଜ ରକ୍ତସଂପର୍କୀୟ-ମାନେ ପାଠବିକାକେନ୍ଦ୍ରରୁ ୩ଟା ପୂର୍ବରୁ ପଳାଇ ଆସନ୍ତୁ ପଛେ କିନ୍ତୁ ଏମାନଙ୍କ ଗ୍ରାମରେ ଥିବା ପାଠବିକାକେନ୍ଦ୍ରର ପାଠବିକାଳୀ ଓ ପାଠବିକାଳୁଣୀମାନେ ଚାରିଟା ନବାଜିଲେ ଯାଇ ପାରିବେନି । କିଛି ନହେଲେ ତ' କମ୍ ସେ କମ୍ କାହାକୁ ଦେଖି କାହା ସଂଗେ ଗପି ସମୟ କଟାଯାଇପାରୁଛି । ଏବେ କେତେଜଣ ପାଠବିକାଳୀ ଖାଲି କ'ଣ ନୂଆ ନୂଆ ପାଠବିକା କେନ୍ଦ୍ର ଘର ତିଆରୁଛନ୍ତି ପାଠଶାଠ ନପଢ଼େଇ । ଏମାନେ ପାଠବିକାଳୀ, ନା, ଠିକାଦାର ନା ବିଶ୍ୱକର୍ମା ? ଆହୁରି ତ' ବହୁତ କଥା ଅଛି । ପୁଣି କେବେ ଦେଖାହେଲେ କହିବି । ଏକଥାକୁ ଟିକେ ଯେମିତି ହେଲେ ଲେଖି ଗଣଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କର ।"

ମୋ' ପାଠବିକାଳୀଙ୍କର ଏକଥାଗୁଡ଼ାକ ଶୁଣିଲାପରେ ଭାବିଲି ଗଣଶିକ୍ଷା ବିଭାଗ କାଲ ନା ଅନ୍ଧ ଯେ ଲେଖାମାଧ୍ୟମରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ଗଣଶିକ୍ଷା ବିଭାଗର ସଚିବା ଓ ମନ୍ତ୍ରୀ ମହୋଦୟ କ'ଣ ଏଭଳି ଅସୁବିଧାମାନ ଶୁଣିନାହାନ୍ତି ନା ଶୁଣୁନାହାନ୍ତି ନା ଶୁଣିକି କାଲ ହୋଇଗଲେଣି ନା ଯା ଭିତରେ କିଛି କେଁ ଅଛି ? ସର୍ବଶିକ୍ଷା ଅଭିଯାନରେ 'ସଭିଏଁ ପଢ଼ନ୍ତୁ ଓ ସଭିଏଁ ବଢ଼ନ୍ତୁ' ବିଜ୍ଞାପନରୁ 'ସଭିଏଁ ପଢ଼ନ୍ତୁ ଓ ସଭିଏଁ ବଢ଼ନ୍ତୁ'କୁ ସମସ୍ତେ ବୁଝିପାରୁଛନ୍ତି । ମାତ୍ର ସଭିଏଁ ବଢ଼ନ୍ତୁକୁ ବୁଝିବା କାଠିକାର ପାଠ । ପାଠବିକାକେନ୍ଦ୍ରରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖାଇ ଶରୀର ବଢ଼ିବ ନା ପାଠବିକାକେନ୍ଦ୍ରକୁ ଯାଇ ଜ୍ଞାନ ବଢ଼ିବ ତାକୁ ବୁଝିବାକୁ ହେବ । ଏ ଦାସ ମତରେ ଏଥିରେ ଯେଉଁ କରିତ୍‌କର୍ମା ମାନେ ନଟର ପଟର ହେବେ ସେମାନଙ୍କ ପକେଟ୍ ଗରମ ହେବ ଏବଂ ସେମାନେ ହିଁ ବଢ଼ିବେ । ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ଯଦି ପାଠ ହେବାକୁ ସରକାରୀ ବାବୁବାବୁଆଣି ଚାହାନ୍ତି ତେବେ ସି.ଆର୍.ସି.,ବି.ଆର୍.ସି ଓ ଗ୍ରାମ୍ୟ କମିଟି ବ୍ୟବସ୍ଥାକୁ ଉଠାଇ ଦିଅନ୍ତୁ । ଏମାନେ ହିଁ ପାଠ ନ ପଢ଼ା ହେବାର ବଡ଼ କାରଣ । ଭିତେରେଇ ଦେଖିଲେ ଜଣାପଡୁଛି ଗଧମାନେ ଗଧଙ୍କ ସଂଗେ ମିଶି ଯାଉଛନ୍ତି ଓ ସାମାନ୍ୟ ଜ୍ଞାନ ଥିଲାବାଲା ସାର ସାର ମିଶି ପିତୁଆ ପଦାରେ ପଡ଼ିଲାଭଳି ପଦାରେ ପଡୁଛନ୍ତି । ସବୁ ପାଠବିକାକେନ୍ଦ୍ରର ମୁଖ୍ୟଙ୍କୁ ସବୁ ଦାୟିତ୍ୱ ଦିଆଯାଉ । ଯେଉଁମାନେ ଏଥିରୁ ଖିଲାପ୍ କରିବେ ସେମାନଙ୍କୁ କଠୋର ଦଣ୍ଡ ଦେଇ ଅନ୍ୟମାନଙ୍କ ପାଇଁ ଆତଙ୍କର କାରଣ ସାଜନ୍ତୁ । ଦେଖିବେ ଅବସ୍ଥା ପୁଣି ସୁଧୁରିଯିବ । ନହେଲେ ସର୍ବଶିକ୍ଷାଗିଳା ଅଭିଯାନରେ ପେନ୍‌ସିଲ୍ ଆଗରେ ବସିଥିବା ଝିଅପିଲା ଓ ପୁଅପିଲା ଚିତ୍ର ସ୍ଥାନରେ ଆଗାମୀ ଦିନରେ ଆଉ କାହା କାହାଙ୍କ ବ୍ୟଙ୍ଗ ଚିତ୍ର ଅଙ୍କାଯାଇ ପାଠବିକାକେନ୍ଦ୍ରମାନଙ୍କର ଶୋଭା ବୃଦ୍ଧି ହେବ ଏବଂ ଛୁଆମାନଙ୍କ ପାଇଁ ହୋଇଥିବା ଖସିବା ଖେଳର ବ୍ୟଙ୍ଗ ଚିତ୍ରରେ !

# 'ଗାଁ ପରିମଳ ଧୋବାତୁଠରୁ'

**ନାରାୟଣ ଚନ୍ଦ୍ର ବିଶ୍ୱାଳ**



ମୁକ୍ତ ଆକାଶ ତଳେ ଶୌଚ କରୁଥିବା ଲୋକଙ୍କ ସଂଖ୍ୟା ଭାରତରେ ସର୍ବାଧିକ ଏବଂ ଏହି ସମସ୍ୟାର ସମାଧାନ ଲାଗି ରାଜନୈତିକ ସ୍ତରରେ ଉଚ୍ଚ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି ମିଳିତ ଜାତିସଂଘ ପକ୍ଷରୁ କୁହାଯାଇଛି । ମୁକ୍ତ ଆକାଶ ତଳେ ଶୌଚ କରୁଥିବା ଭାରତୀୟଙ୍କ ସଂଖ୍ୟା ୫୯.୭ କୋଟି ବୋଲି ଦର୍ଶାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୯ ସୁଦ୍ଧା ଏହି ପ୍ରଥାର ବିଲୋପ ଲାଗି ଉଦ୍ୟମ କରାଯାଉଥିବା ସମ୍ପର୍କରେ ଉଲ୍ଲେଖ କରାଯାଇ ରିପୋର୍ଟରେ ଦର୍ଶାଯାଇଛି ଯେ ମହାତ୍ମା ଗାନ୍ଧିଙ୍କ ବିଚାରକୁ ସାକାର କରାଯିବା ଏକ ମହତ କାର୍ଯ୍ୟ ହେବ । ଗାନ୍ଧିଜୀ ସ୍ୱଚ୍ଛତାକୁ ସ୍ୱାଧୀନତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରୁଥିଲେ ବୋଲି କୁହାଯାଇଛି । ବିଶ୍ୱରେ ପ୍ରାୟ ୧୦୦ କୋଟି ଲୋକ ଶୌଚାଳୟକୁ ବ୍ୟବହାର କରିନଥା'ନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି ।

ଭାରତ ପଛକୁ ଇଣ୍ଡୋନେସିଆରେ ୫.୪ କୋଟି, ପାକିସ୍ତାନରେ ୪.୧ କୋଟି, ନେପାଳରେ ୧.୧ କୋଟି, ଚୀନରେ ୧କୋଟି ଲୋକ ମୁକ୍ତାକାଶ ତଳେ ଶୌଚ କରିଥାନ୍ତି । ଆମେ କହିବୁଲୁଛୁ ଯେ ଭାରତ ବିଶ୍ୱରେ ଏକ ଶକ୍ତିଶାଳୀ ରାଷ୍ଟ୍ର ହେଲାଣି । ଜଗତୀକରଣ ଅର୍ଥନୀତିକୁ ଆମେ ଆପଣେଇଛୁ । ସମଗ୍ର ବିଶ୍ୱ ଆଜି ଏକ ବିଶ୍ୱଗ୍ରାମରେ ପରିଣତ ହୋଇଛି । ବିଶ୍ୱର ଗୋଟିଏ କୋଣରେ ଯାହା ଘଟୁଛି ତତ୍‌କ୍ଷଣାତ ଅନ୍ୟକୋଣରେ ପହଞ୍ଚିପାରୁଛି । ସେଥିରେ ପ୍ରଭାବିତ ହେଉଛନ୍ତି ଲୋକେ, କିନ୍ତୁ ଆଜି ପର୍ଯ୍ୟନ୍ତ ଆମେ ଶୌଚାଳୟ ନିର୍ମାଣ କରି ମଳମୂତ୍ର ତ୍ୟାଗ କରିବା କଥାରେ ପ୍ରଭାବିତ ହୋଇପାରିଲୁ ନାହିଁ । ଏବେ ଜାତିସଂଘ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଲୋକ ବାହାରେ ମଳତ୍ୟାଗ କରନ୍ତି । ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକ ଆମ ଦେଶର ବୋଲି ଦର୍ଶାଯାଇଛି । ଏହି ରିପୋର୍ଟ ଆମ ମୁଣ୍ଡକୁ ଲଜ୍ଜାରେ ତଳକୁ କରିଦେଉଛି । ଖୋଲା ସ୍ଥାନରେ ମଳମୂତ୍ର ତ୍ୟାଗ କଲେ ତା'ର କୁପ୍ରଭାବ ଆମ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଯେପରି ପଡ଼େ ତାହା କ'ଣ ଜାଣିନାହୁଁ ? ଆମର ବାୟୁ, ଗାଧୁଆ ଜଳ, ପାନୀୟ ଜଳ ଦୂଷିତ ହୁଏ । ରୋଗ ଜୀବାଣୁଗୁଡ଼ିକ ବିସ୍ତାର ଲାଭ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି । ଲୋକେ ପ୍ରାଣ ହରାନ୍ତି । ଗତବର୍ଷ ଓ ତା' ପୂର୍ବବର୍ଷ ଆମର ଆଦିବାସୀ ବହୁଳ ଅଞ୍ଚଳରେ ହଇଜାରେ ଶହ ଶହ ଲୋକ ପ୍ରାଣ ହରାଇଲେ । ଏହାଛଡ଼ା ପ୍ରତିଦିନ ଦୁଇବେଳା ଶୌଚ ହେବା ପାଇଁ ଆମେ ବସତି ଠାରୁ ଦୂରକୁ ଯାଇ ଯେତେ ସମୟ ନଷ୍ଟ କରୁଛୁ ତା'ର ହିସାବକଲେ ଜୀବନକାଳର ଅନେକ ବର୍ଷ ଆମେ ନଷ୍ଟ କରି ଦେଉଛୁ । ଧର୍ମପୀଠ ଅପେକ୍ଷା ପାଇଖାନା ଆବଶ୍ୟକତା ଅଧିକ ଜରୁରୀ ଥିବା ଦର୍ଶାଇ କେନ୍ଦ୍ର ଗ୍ରାମୀଣ ବିକାଶମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଓ ପରେ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦି ମତ ଦେଇ ବିବାଦୀୟ ହୋଇଥିଲେ । ତେଣୁ ଏହି ପ୍ରସଙ୍ଗ ରାଜନୀତିରୁ ଉର୍ଦ୍ଧ୍ୱରେ । ଏକ ସଭ୍ୟ ରାଷ୍ଟ୍ରରେ ଏଭଳି ପ୍ରସଙ୍ଗରେ ସାଲିସ କରାଯିବା ଉଚିତ ନୁହେଁ । ବିଗିଡୁଥିବା ପରିମଳ ବ୍ୟବସ୍ଥାକୁ ସୁଧାରିବା ଲାଗି ଜନତାଠୁ ସରକାରଙ୍କ ମଧ୍ୟରେ ଆନ୍ତରିକତା ନରହିବା ଦୁର୍ଭାଗ୍ୟଜନକ । ଗ୍ରାମଠୁ ସହର, ଯେ କୌଣସି ନଦୀପଠା ଠାରୁ, ବାନ୍ଧବାଡ଼, ପୋଖରୀ, ଗାଡ଼ିଆ ବନ୍ଧ ଓ ଖୋଲା ପଡ଼ିଆକୁ ଥରେ ବୁଲି ଆସିଲେ ବୁଝିହେବ ଆମ ପରିବେଶ କେତେ ସଫାସୁତୁରା ।

କଥାରେ ଅଛି-'ଗାଁ ପରିମଳ ଧୋବା ତୁଠରୁ' । ଏହି ଆପ୍ତବାକ୍ୟରେ ନିଜ ନିଜ ଗାଁ ରାସ୍ତାଘାଟ ଓ ବନ୍ଧବାଡ଼ କଥା ଶୀତ ଏବଂ ବର୍ଷାଦିନ ସ୍ଥିତି କିଭଳି ରହିଥାଏ ସଭିଏଁ ତାହା ଅନୁଧ୍ୟାନ କରିବା କଥା । ଆମେ ଜାତୀୟ ସ୍ତରର ପରିମଳ ବ୍ୟବସ୍ଥା ସମୀକ୍ଷା କରିବା ଲୋଡ଼ା ନାହିଁ । ଖୋଦ୍ ରାଜ୍ୟ ରାଜଧାନୀ ଭୁବନେଶ୍ୱର କଥା ବିଚାରକୁ ନିଆଯାଉ । ରେଳଯୋଗେ ଏହି ସହରକୁ ଉଭୟପଟୁ ପ୍ରବେଶ କରିବା ସମୟରେ ଉତ୍କଟ ଗନ୍ଧରେ ନାକ ଫାଟିପଡ଼େ । ଓଡ଼ିଶା ସରକାର ଉତ୍ତମ ପରିମଳ ବ୍ୟବସ୍ଥା ପାଇଁ ପାଇଛନ୍ତି ଜାତୀୟ ପରିମଳ ପୁରସ୍କାର । କିନ୍ତୁ ଖୋଦ୍ ରାଜଧାନୀର ସ୍ଥିତି ଏଭଳି । ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି ବାହାରୁ ଆସୁଥିବା ଲୋକଙ୍କୁ ଏହା ଓଡ଼ିଶା ପରିମଳ ବ୍ୟବସ୍ଥା ସଂପର୍କରେ କି ବାର୍ତ୍ତା ଦେଉଥିବ ସତରେ ! ମୋଟ ଘରୋଇ ଉତ୍ପାଦନ (ଜିଡ଼ିପି)ର ମାତ୍ର ୬ ପ୍ରତିଶତ ଆମ ଦେଶ ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ଖର୍ଚ୍ଚ କରେ । ଓଡ଼ିଶା କିଭଳି ସ୍ଥିତିରେ ରହିଛି ତାହା ଅନୁଧ୍ୟାନ ସାପେକ୍ଷ । ପାଇଖାନା ନିର୍ମାଣ ପାଇଁ ସଚେତନତା ସୃଷ୍ଟି କରାଯିବା ଉଚିତ । କିନ୍ତୁ ଏଥିପାଇଁ ମଧ୍ୟ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଯେପରି ଗାଁଗଣ୍ଡାରେ କିଛି ଲୋକଙ୍କ କେବଳ ଚାଳିଆ ଅଛି ବାରଣ୍ଡା ମଧ୍ୟ ନାହିଁ । ଟୁଙ୍ଗିଘରେ ସେମାନେ ବହୁ କଷ୍ଟରେ ଚଳିଥାନ୍ତି । ସେମାନଙ୍କ ପାଇଁ ଗୋଷ୍ଠୀ ପାଇଖାନାର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ ସୁଲଭ ଇଣ୍ଟରନ୍ୟାସନାଲର ପ୍ରତିଷ୍ଠାତା ଡ.ବିନ୍ଦେଶ୍ୱରୀ ପାଠକଙ୍କ କାର୍ଯ୍ୟ ଓ ଉଦ୍ୟମ ବେଶ ପ୍ରଶଂସନୀୟ ।

ଆଉ ଏକ ଭିନ୍ନ ପ୍ରସଙ୍ଗ ହେଉଛି ପାଇଖାନା ପାଇଁ ଭିତ୍ତିଭୂମି । ପାଇଖାନା ନିର୍ମାଣ କରିଦେଲେ ଟାଙ୍କି ନିର୍ମାଣ କରାଯାଇପାରେ । ହେଲେ ଟାଙ୍କି ପୂରିଗଲେ ତାହା କିପରି ଖଲାସ ହେବ ସେଥିପାଇଁ ଗାଁଗଣ୍ଡାରେ କିଛି ବ୍ୟବସ୍ଥା ନାହିଁ । ସେଠାରେ ସ୍ୱେରେଜ ନାହିଁ କିମ୍ବା ମ୍ୟୁନିସିପାଲଟି ନାହିଁ ଯେ କି ଟାଙ୍କି ସଫା କରିବାକୁ ଗାଡ଼ି ପଠାଇଦେବ । ତେଣୁ ଏ ଦିଗରେ ମଧ୍ୟ ସରକାରଙ୍କୁ ଓ ସ୍ଥାନୀୟ ପ୍ରଶାସନକୁ ଗମ୍ଭୀରତାର ସହ ଚିନ୍ତା କରି ସମାଧାନ ପନ୍ଥା ଖୋଜି ବାହାର କରିବାକୁ ପଡ଼ିବ । ଏହି ପରିପ୍ରେକ୍ଷୀରେ ଓଡ଼ିଶା କଥା ଚିନ୍ତା କରାଯାଇପାରେ । ଜାତୀୟସ୍ତରରେ ଗ୍ରାମାଞ୍ଚଳରେ ଥିବା ପରିମଳ ଅବସ୍ଥାଠାରୁ ଓଡ଼ିଶାରେ ଗ୍ରାମାଞ୍ଚଳର ପରିମଳ ଅବସ୍ଥା ଆହୁରି ଖରାପ । ଜାତୀୟସ୍ତରରେ ୩୧.୭ ପ୍ରତିଶତ ଗ୍ରାମାଞ୍ଚଳ ପରିବାର ପାଖରେ ପାଇଖାନା ସୁବିଧା ଥିବାବେଳେ ଗ୍ରାମାଞ୍ଚଳ ଓଡ଼ିଶାରେ ମାତ୍ର ୧୪ ପ୍ରତିଶତ ଲୋକଙ୍କର ପାଇଖାନା ସୁବିଧା ରହିଛି । ପାଇଖାନା ତିଆରିରେ ଓଡ଼ିଶା ଦେଶରେ ଖୁବ୍ ପଛୁଆ; ତଳକୁ ତୃତୀୟ ରାଜ୍ୟ । ଅର୍ଥାତ୍ ଗ୍ରାମାଞ୍ଚଳ ଓଡ଼ିଶାରେ ୮୫.୯ ପରିବାର ପାଖରେ ପାଇଖାନା ସୁବିଧା ନାହିଁ । ବିଶେଷକରି ପୂର୍ବ ଓଡ଼ିଶାରେ ଖୋଲାସ୍ଥାନରେ ମଳତ୍ୟାଗ କରିବା ଅଭ୍ୟାସ ସବୁଠୁ ଅଧିକ । ଏହା ସାମାଜିକ ଜୀବନକୁ ବହୁମାତ୍ରାରେ ପ୍ରଭାବିତ କରୁଛି ।

ପାଞ୍ଚବର୍ଷରୁ କମ୍ ବୟସ୍କ ୮୦ ପ୍ରତିଶତ ହଇଜାଜନିତ ମୃତ୍ୟୁର କାରଣ ହେଉଛି ପ୍ରଦୂଷିତ ପାଣି, ପରିମଳ ଓ ଅସ୍ୱାସ୍ଥ୍ୟକର ପରିବେଶ । ଭାରତରେ ପ୍ରତିଦିନ ହଇଜାରେ ପାଞ୍ଚବର୍ଷରୁ କମ୍ ବୟସର ୧୦୦୦ ପିଲା ପ୍ରାଣ ହରାଉଥିବା ଏକ ଆକଳନରୁ ଜଣାପଡ଼ିଛି । ଭାରତରେ ୫ ବର୍ଷରୁ କମ୍ ୪୮ ଭାଗ ପିଲାଙ୍କର ସମ୍ପୂର୍ଣ୍ଣ ଶାରୀରିକ ବିକାଶ ହୋଇପାରୁନି । ନିକଟରେ ହୋଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଅପରିଷ୍କାର, ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ପିଲା ପରିଷ୍କାର ପରିବେଶରେ ରହୁଥିବା ପିଲାଠୁ ଉଚ୍ଚତାରେ, ଶାରୀରିକ ବିକାଶ କ୍ଷେତ୍ରରେ ବହୁପଛରେ । ସୁତରାଂ ପିଲାମାନଙ୍କର ଅଭିବୃଦ୍ଧି ଓ ଶାରୀରିକ ବିକାଶ ପରିମଳ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ ହେଁ ଏ ଦିଗରେ ସଚେତନତା ସୃଷ୍ଟି କରାଯିବା ସମ୍ଭବ ହେଉନାହିଁ ।

ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ସାର୍ବଜନୀନ ସ୍ଥାନରେ ମଳତ୍ୟାଗ କଲେ ଏହାକୁ ଏକ ଗୁରୁତର ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିବାକୁ ମଧ୍ୟ ଏକ ପ୍ରସ୍ତାବ ଭାବେ ବିଚାର କରାଯାଇପାରିବ । ପାଇଖାନା ନିର୍ମାଣ କରିନଥିବା ଲୋକଙ୍କୁ ଋଣ ନଦେବା, ସ୍ଥାନୀୟ ପଞ୍ଚାୟତ ନିର୍ବାଚନରୁ ବାସନ୍ଦ କରିବା ଭଳି ପଦକ୍ଷେପ ମଧ୍ୟ ବିଚାର କରାଯାଇପାରେ । ତେବେ ଯାହାବି ହେଉ ଏଭଳି ଘୃଣ୍ୟକାର୍ଯ୍ୟକୁ ରୋକିବା ଦରକାର ।

*–ଇଏନ୍‌ଟି ବିଭାଗ, କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର*




# 'ବାଲ୍ୟ ବିବାହକୁ ନାଁ'-'ବିଦ୍ୟାଳୟକୁ ହଁ' ସଂପର୍କିତ ଅଭିଯାନର ଶୁଭାରମ୍ଭ




ଭୁବନେଶ୍ୱର (ପିଏନ)- ମୁଁ ପ୍ରତିଜ୍ଞା କରୁଛି ଯେ, ନିଜେ ବାଲ୍ୟ ବିବାହ କରିବି ନାହିଁ। ବାଲ୍ୟ ବିବାହ ହେଉଥିଲେ ବନ୍ଦ କରିବାକୁ ପ୍ରୟାସ କରିବି । ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଅତି କମ୍‌ରେ ଦଶ ଜଣ କିଶୋର, କିଶୋରୀ, ଯୁବକ, ଯୁବତୀଙ୍କୁ ଜଣାଇବି ଓ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିବି । ମୁଁ ପ୍ରତିଜ୍ଞା କରୁଛି ଯେ, ଶିଶୁ ଶ୍ରମିକ ପ୍ରଥାକୁ ମୁଁ ସର୍ବଦା ବିରୋଧ କରିବି ଓ ଏହାକୁ ସମ୍ପୂର୍ଣ୍ଣ ବିଲୋପ କରିବା ଦିଗରେ ସର୍ବଦା ଚେଷ୍ଟିତ ହେବି । ଏକଥା ଆଜି ଦେଖିବାକୁ ମିଳିଥିଲା ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଫେଜ୍-୧ ବିଦ୍ୟାଳୟ ଠାରେ । ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍‌ଙ୍କ ଯୁଗ୍ମ ଆୟୋଜନରେ 'ବାଲ୍ୟ ବିବାହକୁ ନାଁ' - 'ବିଦ୍ୟାଳୟକୁ ହଁ' ସଂପର୍କୀତ ଅଭିଯାନକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶୁଭାରମ୍ଭ କରି କହିଲେ ଯେ ବାଲ୍ୟ ବିବାହ ଶିଶୁ ଅଧିକାରର ଉଲଂଘନ । ପ୍ରତ୍ୟେକଟି ଶିଶୁ ବିଦ୍ୟାଳୟ ପରିସରଭୁକ୍ତ ହେବା ଜରୁରୀ । ବାଲ୍ୟବିବାହର ଅପକାରିତା ଓ ଶିକ୍ଷା ଅଧିକାର ଆଇନ୍ ବାବଦରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ସଚେତନତା କରାଯାଇଥିଲା । ଏଥିରେ ଆକ୍ସନ୍‌ଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ଜାତୀୟ କାର୍ଯ୍ୟକ୍ରମ ପ୍ରବନ୍ଧକ ଘାସିରାମ ପଣ୍ଡା, ରାଜ୍ୟ ପ୍ରବନ୍ଧକ ବି.ଏନ୍. ଦୁର୍ଗା, ଶୁଭେନ୍ଦୁ କୁମାର ରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁମଂଜରୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ସିସିଡବ୍ଲୁଡିର ଇପ୍ସିତା ଅଗ୍ରୱାଲ ପ୍ରଦାନ କରିଥିଲେ । ଏହି ଅବସରରେ ଶପଥ ପାଠ ସହ ହାତଛାପା ମାଧମରେ ସଚେତନତା କରାଯାଇଥିଲା । ଏହି କ୍ରମରେ ଆଜି ରାଜ୍ୟର କୋରାପୁଟ, ରାୟଗଡା, କନ୍ଧମାଳ, ନୟାଗଡ, ଢ଼େଙ୍କାନାଳ ଓ ଗଂଜାମ ଜିଲ୍ଲାରେ ଶତାଧିକ ବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଆଗାମୀ ଦିନ ମାନଙ୍କରେ ପ୍ରତି ମାସରେ ବିଦ୍ୟାଳୟ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ ମତପ୍ରକାଶ କରିଛନ୍ତି ।

# ସଡକ ସୁରକ୍ଷା କମିଟି ବୈଠକ: ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱାରୋପ



ବାଲେଶ୍ୱର(ପିଏନ)-ଆଜି ଅପରାହ୍ନ ୫ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡକ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରାରମ୍ଭରେ ବିଗତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତିର ସଠିକ ଅନୁପାଳନ ହୋଇ ନ ଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ବିଶେଷ କରି ଦୁର୍ଘଟଣା ହେବାର ୨୪ ଘଂଟା ମଧ୍ୟରେ ପୋଲିସ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ ପାଇଁ ନିୟମ ରହିଥିଲେ ଥିଲେ ହେଁ ଏହା ହେଉ ନ ଥିବାରୁ କମିଟି ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା । ବେପରୁଆ ଯାନ ଚାଳନା ଏବଂ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଲାଗି ବୈଠକରେ ଆଲୋଚନା ହେବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ବ୍ଲାକ ସ୍ପଟ୍ ରେ ସଡକ ଦୁର୍ଘଟଣାକୁ କିଭଳି ରୋକି ହେବ ସେ ନେଇ ବିଚାର ବିମର୍ଶ କରାଯାଇଥିଲା । ଜାତୀୟ ରାଜପଥକୁ ଲାଗି ରହିଥିବା ସର୍ଭିସ୍ ରୋଡରେ ବେଆଇନ ପାର୍କିଂ ହେଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଥିବା କମିଟି ସଦସ୍ୟମାନେ ପ୍ରକାଶ କରିଥିବା ବେଳେ ସର୍ବାଧିକ ଅଗ୍ରାଧିକାର ଦେଇ ଏହାର ସମାଧାନ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଏଥିଲାଗି ଜାତୀୟ ରାଜପଥର ନହରପାଟଣାଠାରେ ଟ୍ରକ ଓ ଅନ୍ୟ ବଡ ଗାଡି ପାର୍କିଂ କରିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେବା ସହ ଏହାର ଅନୁଧ୍ୟାନ କରିବା ଲାଗି ଜିଲ୍ଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ରାଜପଥ କଡରେ ରହିଥିବା ସର୍ଭିସ ରୋଡ, ଫ୍ଲାଏ ଓଭରବ୍ରିଜ ଓ ରାସ୍ତା ମରାମତି କାମ ନଭେମ୍ବର ୧୫ତାରିଖ ସୁଦ୍ଧା ଆରମ୍ଭ କରାଯିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗୃହକୁ ଅବଗତ କରିଥିଲେ । ସେହିପରି ପଣପଣା ଠାରେ ଅଣ୍ଡରପାସ୍ ନିର୍ମାଣ, ସନ୍ତୋଷପୁର ଠାରେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଟୋଲ ଗେଟକୁ ଭଙ୍ଗାଯିବା, ଭଦ୍ରକ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଛଅ ଲେନ ରାସ୍ତା ନିର୍ମାଣ କାର୍ଯ୍ୟ ବର୍ତମାନ ସୁଦ୍ଧା ଆରମ୍ଭ କରାଯାଇ ନ ଥିବାରୁ କମିଟି ସଦସ୍ୟମାନେ ଚିନ୍ତାପ୍ରକଟ କରିଥିଲେ । ଦୁର୍ଘଟଣା ହ୍ରାସ ପାଇଁ ମରାମତି ହେଉଥିବା ରାସ୍ତା ଓ ପୋଲ ଗୁଡିକରେ ଯଥେଷ୍ଟ ସଂଖ୍ୟାରେ ସାଇନେଜ୍, ସତର୍କ ସୂଚନା ଲଗାଇବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ରାସ୍ତା ଓ ଗୃହ ନିର୍ମାଣ, ଗ୍ରାମାଂଚଳ ବିକାଶ ବିଭାଗ ନିର୍ବାହୀ ଯନ୍ତ୍ରୀମାନଙ୍କୁ କୁହାଯାଇଥିଲା । ଯାତ୍ରୀବାହୀ ବସ ଉପରେ ମାଲ ପରିବହନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିନା ହେଲମେଟରେ ବାଇକ ଚଳାଇବା ,ବିକୃତ ଶବ୍ଦଯୁକ୍ତ ସାଇଲେନ୍ସର ବ୍ୟବହାର ନିମନ୍ତେ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବାକୁ କଡାକଡି ଭାବେ ଲାଗୁ କରିବାକୁ କୁହାଯାଇଛି । ଦୁର୍ଘଟଣା ସଂପର୍କରେ ତୁରନ୍ତ ଖବର ପାଇବା, ପୀଡିତଙ୍କୁ ସେବା ଯୋଗାଇବାକୁ ପଦକ୍ଷେପ ତ୍ୱରିତ କରିବାକୁ କରିବାକୁ ଆରଟିଓଙ୍କୁ କୁହାଯାଇଥିଲା ।

# କେନ୍ଦୁଝର : ଦୃଷ୍ଟିଶକ୍ତି ବାଧିତ କ୍ରିକେଟ୍ ଟିମ୍‌କୁ ଖେଳ ସାମଗ୍ରୀ ପ୍ରଦାନ



କେନ୍ଦୁଝର, (ପିଏନ)-ଦୃଷ୍ଟି ଶକ୍ତିବାଧିତ କ୍ରିକେଟ୍ ଦଳ "ଘଟଗାଁ ତାରିଣୀ କ୍ରିକେଟ୍ କ୍ଲବ୍"କୁ ଜିଲ୍ଲାପାଳ ଆଶିଷ ଠାକରେ ଖେଳ ସାମଗ୍ରୀ ପ୍ରଦାନ କରିଛନ୍ତି । ଚଳିତ ଅକ୍ଟୋବର ୨୨ ତାରିଖ ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନସ୍ ହଲ୍‌ଠାରେ ଆୟୋଜିତ ସଂକ୍ଷିପ୍ତ ସମାରୋହରେ ଉପରୋକ୍ତ କ୍ଲବ୍‌ର ୧୪ ଜଣ ଖେଳାଳୀଙ୍କୁ ଜିଲ୍ଲାପାଳ ଶ୍ରୀ ଠାକରେ ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା ଜିଲ୍ଲା ଶାଖା ସୌଜନ୍ୟରୁ ୟୁନିଫର୍ମ, ବ୍ୟାଟ୍, ବଲ୍, ପ୍ୟାଡ୍, ଗ୍ଲୋବ୍‌ସ, ହେଲ୍‌ମେଟ୍, କିଟ୍ ବ୍ୟାଗ୍ ଇତ୍ୟାଦି ଖେଳ ସାମଗ୍ରୀ ପ୍ରଦାନ କରି ଶୁଭ ମନାସି ଥିଲେ । ସୂଚନାଯୋଗ୍ୟ ଯେ, ପ୍ରଥମ ଥର ପାଇଁ ଜିଲ୍ଲାର ଦୃଷ୍ଟିଶକ୍ତି ବାଧିତ କ୍ରିକେଟ୍ ଦଳ "ଘଟଗାଁ ତାରିଣୀ କ୍ରିକେଟ୍ କ୍ଲବ" ଚଳିତ ଅକ୍ଟୋବର ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲାର ଜାରକା ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଂଟ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଏଣୁ ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ ଖେଳାଳୀମାନଙ୍କୁ କେନ୍ଦୁଝର ଜିଲ୍ଲାର ଗୌରବ ବର୍ଦ୍ଧନ କରିବା ପାଇଁ ମଙ୍ଗଳ କାମନା କରିଥିଲେ । ଭାଷଣ ପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ରାଜ୍ୟ ସରକାର କ୍ରୀଡା ଓ କ୍ରୀଡାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି । ଖେଳାଳୀମାନଙ୍କ ଭିତରେ ସ୍ୱପ୍ନ ଓ ପ୍ରତିଭା ରହିଛି । ନିଜ ଉପରେ ଗଭୀର ଆତ୍ମବିଶ୍ୱାସ ରଖି ଏକାଗ୍ରତାର ସହ ଖେଳିଲେ ସେମାନଙ୍କର ଇଚ୍ଛା ଓ ସ୍ୱପ୍ନ ପୂରଣ ହୋଇ ପାରିବ । ରାଜ୍ୟ ଓ ଦେଶ ତରଫରୁ ସେମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ପାରିବେ । ଦୃଷ୍ଟି ଶକ୍ତିବାଧିତ ଖେଳାଳୀମାନଙ୍କୁ ପ୍ରକୃତରେ ୟୁଥ ଆଇକନ୍ ଭାବେ ଅଭିହିତ କରି ସେମାନ କ୍ରିକେଟ୍ କ୍ଷେତ୍ରରେ ଉତ୍କର୍ଷତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହାରଣ ସାଜିବାକୁ ଜିଲ୍ଲାପାଳ ଆହ୍ୱାନ ଜଣାଇଥିଲେ । ଭବିଷ୍ୟତରେ ମଧ୍ୟ କ୍ରୀଡାବିତ୍ ଓ କ୍ରୀଡାର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା କେନ୍ଦୁଝର ଜିଲ୍ଲା ଶାଖା ସଂପାଦିକା ସୁରଞ୍ଜିକା ବେହେରା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧକ୍ଷା ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପାଧକ୍ଷା ଶ୍ରୀମତୀ ମୀନା ମାଝୀ ଉଦ୍‌ବୋଧନ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ମନବଳ ବୃଦ୍ଧି କରିଥିଲେ ଏବଂ ଦୃଷ୍ଟିଶକ୍ତିବାଧିତ କ୍ରିକେଟ୍‌ଦଳକୁ ପ୍ରୋତ୍ସାହନ ଯୋଗାଇ ଦେଇଥିବାରୁ ଜିଲ୍ଲାପାଳଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଘଟଗାଁ ତାରିଣୀ କ୍ରିକେଟ୍ କ୍ଲବକୁ ପ୍ରୋତ୍ସାହନ ଯୋଗାଇବାର ପୃଷ୍ଠଭୂମି ଉପରେ ଆଲୋକପାତ କରି ଏ ଦିଗରେ ଜିଲ୍ଲାପାଳଙ୍କ ଆନ୍ତରିକତା ପ୍ରଶଂସନୀୟ ବୋଲି ଶ୍ରୀ ପାଢୀ କହିଥିଲେ । ରେଡ୍‌କ୍ରସ୍‌ର ଯୁଗ୍ମ ସଂପାଦକ ଶ୍ରୀ ଏ.ଆର୍.ଖାନ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ସେଣ୍ଟ୍ରାଲର ପାର୍ବଣ ଅଫର ସହ ଏହି ଦୀପାବଳୀ ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ

ଭୁବନେଶ୍ୱର : ଏହି ଦୀପାବଳୀକୁ ଷ୍ଟାଇଲର ସହ ପାଳନ କରିବା ପାଇଁ ସବୁଠାରୁ ଅଧିକ ଲୋକପ୍ରିୟ ଫ୍ୟାସନ ଷ୍ଟୋର ସେଣ୍ଟ୍ରାଲ ଏହାର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ସବୁ ନେଇ ଆସିଛି । ଗ୍ରାହକମାନେ ୩୦୦୦ କିମ୍ବା ତାଠାରୁ ଅଧିକ ସପିଙ୍ଗ ଉପରେ ୩୦୦୦ଟଙ୍କାର ଗୋଟିଏ ସେଣ୍ଟ୍ରାଲ ଗିଫ୍ଟ ଭାଉଚର ପାଇପାରିବେ । ଏହା ବ୍ୟତୀତ ଆଇସିଆଇସିଆଇ ବ୍ୟାଙ୍କର ଡେବିଟ କିମ୍ବା କ୍ରେଡିଟ କାର୍ଡ ବ୍ୟବହାରକାରୀମାନେ ଟ.୬୦୦୦/-ର ସର୍ବନିମ୍ନ କ୍ରୟ ଉପରେ ୧୦%ର ଅତିରିକ୍ତ ରିହାତି ଏବଂ ପ୍ରତି କାର୍ଡ଼ରେ ଟ.୧୦୦୦/-ର ସର୍ବାଧିକ ରିହାତି ପାଇପାରିବେ । ଏହା ବ୍ୟତୀତ ସେଣ୍ଟ୍ରାଲ ଏହାର ଗ୍ରାହକମାନଙ୍କ ପାଇଁ ଆହୁରି ଅନେକ ଗିଫ୍ଟର ସମ୍ଭାର ମଧ ନେଇ ଆସିଛି । ସେଣ୍ଟ୍ରାଲ ହାଉସ ଦେଶର ସମସ୍ତ ଫ୍ୟାସନପ୍ରେମୀ ମାନଙ୍କ ପାଇଁ ୧୦୦୦୦ରୁ ଅଧିକ ବିଶ୍ୱସ୍ତରୀୟ ଷ୍ଟାଇଲ ନେଇଆସିଛି । ଓନଲି, ଭେରୋ ମୋଡା, ଗ୍ଲୋବାଲ ଦେଶୀ ଭଳି ଆହୁରି ଅନେକ ଲୋକପ୍ରିୟ ବ୍ରାଣ୍ଡରୁ ମହିଳାମାନନେ ଅନାରକଲି କୁର୍ତ୍ତୀ, ସୁନ୍ଦର ବୁଣାହୋଇଥିବା ସୁଟ ଏବଂ ଲେହେଙ୍ଗା ଆଦିର କ୍ରୟ କରିପାରିବେ । ସେହିଭଳି ପୁରୁଷମାନେ ଆଲେନ ସୋଲି, ଇଣ୍ଡିଗୋ ନେସନ, ପାର୍କ ଆଭେନ୍ୟୁ ଭଳି ବ୍ରାଣ୍ଡରୁ ଚୟନ କରିପାରୁଥିବା ବେଳେ ଛୋଟ ପିଲାମାନଙ୍କ ପାଇଁ ସ୍କ୍ୟୁଲର, ପେପେ ଜିନ୍ସ ଏବଂ ଆହୁରି ଅନେକ ବ୍ରାଣ୍ଡ ମଧ ନେଇ ଆସିଛି । ଏହି ପାର୍ବଣ ଅଫର ଗୁଡ଼ିକ ଉପରେ ସେଣ୍ଟ୍ରାଲର ସିଇଓ ଶ୍ରୀ ବିଷ୍ଣୁ ପ୍ରସାଦ କହିଛନ୍ତି ଯେ, "ଦିପାବଳୀର ଏହି ଶୁଭ ଅବସରରେ ସେଣ୍ଟ୍ରାଲ ଠାରେ ଆମେ ଆମର ଗ୍ରାହକ ମାନଙ୍କୁ ଏକ ନୂଆ ଲୁକ ଦେବା ପାଇଁ ପ୍ରସ୍ତୁତ ହୋଇ ଆସିଛୁ । ଏଠାରେ ଗ୍ରାହକମାନେ କମ ଖର୍ଚ୍ଚରେ ଅଧିକ ସପିଙ୍ଗର ସୁବିଧା ପାଇପାରିବେ ।"

# ସୋରୟସିସ୍ ରୋଗୀଙ୍କୁ ବହୁ ଅନ୍ୟ ରୋଗ ହେବାର ଆଶଙ୍କା ରହିଥାଏ

ଭୁବନେଶ୍ୱର : ରାଷ୍ଟ୍ରୀୟ ସୋରୟସିସ୍ ଫାଉଡେସନ୍ ଅନ୍ତର୍ଗତ ବିଶ୍ୱରେ ୧୨୫ ମିଲିୟନ ଲୋକ ସୋରୟସିସ୍ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଚଳିତ ବର୍ଷ ବିଶ୍ୱ ସୋରୟସିସ୍ ଦିବସ ଅବସରରେ ବିଶେଷଜ୍ଞ ମନେ ଏହି ରୋଗର ସଂକେତ, ଲକ୍ଷଣ ଏବଂ ଚିକିତ୍ସା ପରେ ମଧ ଏହି ରୋଗ ପ୍ରତି ବିଶେଷ ଧାନ ଦେବା ଉପରେ ମହତ୍ୱ ଦେଇଛନ୍ତି । ଏହା ମୁଖ୍ୟତଃ ଚର୍ମ ଦ୍ୱାରା କିମ୍ବା କସ୍‌ମେଟିକ୍ ଦ୍ୱାରା ହୋଇଥାଏ । ଏହା ମୁଖ୍ୟତଃ କୋହୁଣି, ଆଣ୍ଠୁ ଏବଂ ମୁଣ୍ଡରେ ଦେଖାଯାଇଥାଏ । ଏହାଦ୍ୱାରା ତ୍ୱାଚା ଶୁଷ୍କ ହୋଇଯିବା ସହ ପ୍ରବଳ କୁଣ୍ଡାଇ ହୋଇଥାଏ । ଗବେଷଣା ମାଧ୍ୟମରେ ଜଣାଯାଇଛି ଯେ, ସୋରୟସିସ୍ ହେବା ଦ୍ୱାରା କୋଲେଷ୍ଟ୍ରଲ୍, ମୋଟାପା ଓ ହୃଦ୍ ରୋଗ ଜଡିତ ଅଛି ଏବଂ ସଠିକ୍ ସମୟରେ ସୋରୟସିସ୍‌ର ଚିକିତ୍ସା କରାନଗଲେ ବହୁ ଅନ୍ୟ ରୋଗ ଜନ୍ମିବା ସମ୍ଭାବନା ମଧ ରହିଛି ।

ଏହି ଅବସରରେ ଭୁବନେଶ୍ୱରର ଅଗ୍ରୱାଲ୍ ହେୟାର କ୍ଲିନିକ୍ ଓ ଲେଜର୍ କ୍ଲିନିକ୍, ଡର୍‌ମେଟୋଲଜିଷ୍ଟ, ଶ୍ରୀଯୁକ୍ତ କିଶନ ଅଗ୍ରୱାଲ୍ କହିଛନ୍ତି ଯେ, "ଲୋକ ମାନେ ସୋରୟସିସ୍‌କୁ ଏକ ଛୋଟ ରୋଗ ବୋଲି ଭାବିଥାନ୍ତି । ଯାହାକି ସମୟ କ୍ରମେ ଠିକ୍ ହୋଇଯିବାର ଆଶା ମଧ ରହିଥାଏ । ଆମ କ୍ଲିନିକ୍‌ର ଗବେଷଣା ଅନୁଯାଇ ଚର୍ମ ରୋଗ ମଧ୍ୟରୁ ୧୦ ପ୍ରତିଶତ ଲୋକ ସୋରୟସିସ୍‌ରେ ଆକ୍ରାନ୍ତ ହୋଇଥାନ୍ତି । ବାୟୋଲାଜିକ୍ସ ପରି ଚିକିତ୍ସା ସୋରୟସିସ୍‌ର ଉତ୍ତମ ଚିକିତ୍ସା ଭାବରେ ଜଣାଯାଇଛି । ରୋଗୀ ମାନଙ୍କୁ ଚିକିତ୍ସା ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ନେଇ ଏହାର ଗମ୍ଭୀରତା ସମ୍ବନ୍ଧରେ ଜାଣିବାକୁ ପରାମର୍ଶ ଦିଆଯାଇଛି ।"

# ସେନ୍‌କୋ ଗୋଲ୍ଡ ଏଣ୍ଡ ଡାଏମଣ୍ଡର ଦୀପାବଳି ଅଫର

କୋଲକତା, ୨୨/୧୦: ଦେଶର ବୃହତ ଖୁଚୁରା ଅଳଙ୍କାର ବ୍ୟବସାୟ ଶୃଙ୍ଖଳରେ ନିୟୋଜିତ ସେନ୍‌କୋ ଗୋଲ୍ଡ ଏଣ୍ଡ ଡାଏମଣ୍ଡ 'ଧନତେରାସ ଧନବୃଦ୍ଧି ଉତ୍ସବ' ନାମରେ ମେଗା ଦୀପାବଳି ଅଫର ଘୋଷଣା କରିଛି । ଏହି ଅଫରର ଅଂଶ ସ୍ୱରୂପ ଗ୍ରାହକ ଅଳଙ୍କାର କ୍ରୟ ଉପରେ ନିଶ୍ଚିତ ଉପହାର ପାଇବାର ସୁଯୋଗ ରହିଛି । ଗ୍ରାହକ ଆଗାମୀ ୩୧ ତାରିଖ ପର୍ଯ୍ୟନ୍ତ ଯେକୌଣସି ପ୍ଲାଟିନମ ବା ସୁନା ଅଳଙ୍କାର କ୍ରୟ କରିବେ ତାହା ଉପରେ ଉପହାର ପାଇପାରିବେ ।

ଏହି ମେଗା ଉତ୍ସବ ଅଫର ବିଷୟ ଘୋଷଣା କରି ସେନ୍‌କୋ ଗୋଲ୍ଡ ଏଣ୍ଡ ଡାଏମଣ୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭଙ୍କର ସେନ୍ କହିଛନ୍ତି ଯେ, ଧନତେରାସ ଓ ଦୀପାବଳି ଉତ୍ସବର ସମୟ ଅଟେ ଓ ଏହି ସମୟରେ ଅଳଙ୍କାର କ୍ରୟ ଶଭଙ୍କର ଅଟେ । ପାର୍ବଣର ଆବେଗିକତାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କ ପାଇଁ ସେନ୍‌କୋ ଗୋଲ୍ଡ ଏଣ୍ଡ ଡାଏମଣ୍ଡ ସର୍ବୋତ୍କୃଷ୍ଟ ଅଫର ଆଣିଛି । ଦ୧୦୦ରୁ ଅଧିକ ଷ୍ଟୋରରେ ଏହି ଅଳଙ୍କାର ଉପଲବ୍ଧ । ଏହି ମଧ୍ୟରେ ସୁନା, ହୀରା ଓ ରୁପା ଅଳଙ୍କାର ଉପଲବ୍ଧ । ଏହି ଅଫର ମଧ୍ୟରେ ପ୍ଲାଟିନମ୍ ଅଳଙ୍କାରର ଗଢ଼ା ମଜୁରୀରେ ୨୦% ରିହାତି ରହିଛି । ସେହିପରି ସୁନା ଓ ରୁପା ଅଳଙ୍କାର କ୍ରୟରେ ଯଥାକ୍ରମେ ରୁପା ଓ ସୁନା ଅଫର ରହିଛି । ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୫% କ୍ୟାସବ୍ୟାକ୍ ଅଫର ରହିଛି ।

# ଭିଭୋ ୟୁ୧୦ ବିକ୍ରି ଆରମ୍ଭ

ଭୁବନେଶ୍ୱର-ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଏହାର ନିକଟ ରେ ଲଂଚ ହୋଇଥିବା ଭିଭୋ ୟୁ୧୦ ବିକ୍ରି ଆରମ୍ଭର ଘୋଷଣା କରାଯାଇଛି । ଥଣ୍ଡର ବ୍ଲାକ୍ ଓ ଇଲେକ୍ଟ୍ରିକ ବ୍ଲୁ ରଙ୍ଗରେ ତିନୋଟି ସଂସ୍କରଣ-୩ଜିବି+୩୨ଜିବି, ୩ଜିବି+୬୪ଜିବି ଏବଂ ୪ଜିବି+୬୪ଜିବି ସ୍ମାର୍ଟଫୋନ ଯଥାକ୍ରମେ ୮୯୯୦ଟଙ୍କା, ୯୯୯୦ ଟଙ୍କା ଓ ୧୦୯୯୦ ଟଙ୍କାରେ ଉପଲବ୍ଧ ହେଉଛି । ଭିଭୋ ୟୁ୧୦ ଆମାଜନ.ଇନ ଓ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ମିଳିପାରିବ ।ଭିଭୋ ୟୁ୧୦ ପ୍ରଦର୍ଶନ, ଗତି ଓ ମନ୍ତ୍ରମୁଗ୍ଧ କଲାଭଳି ଡିଜାଇନର ଏକ ଆଦର୍ଶ ସମନ୍ୱୟ । ୫୦୦୦ ଏମଏଏଚ ବ୍ୟାଟେରୀ ବର୍ଗରେ ଏହା ସର୍ବଶ୍ରେଷ୍ଠ । ଏହି ଫୋନରେ ୧୮ଡବ୍ଲୁ ଫାଷ୍ଟ ଚାର୍ଜର ମଧ ବ୍ୟବହାର କରାଯାଉଛି । ସଦ୍ୟତମ କ୍ୱାଲକମ ସ୍ନାପଡ୍ରାଗନ ୬୬୫ଏଆଇଇ ଅକ୍ଟା କୋର ପ୍ରୋସେସର ଯାହା ୨.୦ଜିଏଚଜେଡ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରେ । ଏହି ଫୋନରେ ଏକ ବାଧାବିହିନ ଅନୁଭବ ପ୍ରଦାନ କରିବାରେ ସକ୍ଷମ ଅଟେ ।

# ରୋଟାରି କ୍ଲବ ପକ୍ଷରୁ ପ୍ଲାଷ୍ଟିକ୍ ସଚେତନତା

ଭୁବନେଶ୍ୱର, (ପିଏନ):- ରୋଟାରି ଇଂଟର୍‌ନ୍ୟାସନାଲ ୩୨୬୨ ପକ୍ଷରୁ ରାଜଧାନୀରେ ପ୍ଲାଷ୍ଟିକ୍ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ସମସ୍ତ ରୋଟାରି କ୍ଲବର ସଦସ୍ୟ ସମାଜସେବୀ ଯୋଗଦେଇ ପଲିଥିନ୍ ବର୍ଜନ ପାଇଁ ଶପଥ ନେବା ସହ ସଚେତନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏତିରେ ସାଂସଦ ଅପରାଜୀତା ଷଡ଼ଙ୍ଗୀ, ବିଧାୟକ ସୁଶାନ୍ତ ରାଉତ, ସମାଜସେବୀ ଡ଼ ଜଗନ୍ନାଥ ମହାପାତ୍ର, କ୍ଷୁଦ୍ର ଶିଳ୍ପ ନୀଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଜଗନ୍ନାଥ ପ୍ରଧାନ, ରୋଟାରି ଜିଲ୍ଲା ଗଭର୍ନର ରୋଟାରିଆନ୍ ଦେବାଶଇଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହାକୁ ଆସିଷ୍ଟାଣ୍ଟ ଗର୍ଭନର ଯଜ୍ଞାଶିଷ ମହାପାତ୍ର ପରିଚାଳଣା କରିଥିଲେ ।

# ଏକାମ୍ରରେ ଗାନ୍ଧି ସଂକଳ୍ପ ଯାତ୍ରା

ଭୁବନେଶ୍ୱର, (ପିଏନ): ଏକାମ୍ର ବିଜେପି ତରଫରୁ ଗାନ୍ଧି ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରୁ ବାହାରି ଶ୍ରୀ ଭୀମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏକାମ୍ର ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂଙ୍କ ନେତୃତ୍ୱରେ ପରିଚାଳିତ ଏହି ପଦଯାତ୍ରାରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଗାନ୍ଧୀଙ୍କ ମୂଲ୍ୟବୋଧରେ ଅନୁପ୍ରାଣିତ ହେବା ପାଇଁ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ । ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ଏବଂ ସ୍ୱଚ୍ଛ ଭାରତ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗୃହ ପାଇଁ ଏବଂ ଦୁଇଟି ବସ୍ତିର ରାସ୍ତା ନିର୍ମାଣ ପାଇଁ ତାଙ୍କର ନିଜସ୍ୱ ପାଣ୍ଠିରୁ ଆବଶ୍ୟକ ଅର୍ଥ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ପଦଯାତ୍ରାରେ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି, ଭୁବେନଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଣ୍ଟିଆ, ମଧ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ପୂର୍ବତନ କର୍ପୋରେଟଣ ସୁବାସିନୀ ପୃଷ୍ଟି, ତୃପ୍ତି ମକଦମ, ବନ୍ଦନା କାନୁନ୍‌ଗୋ, ବିଦ୍ୟୁସ୍ମିତା ଦାସମନ୍ତନ୍ତ୍ରୀ, ଯୁବନେତା ସୁରେନ୍ଦ୍ର ପ୍ରଧାନ, ଶିବ ବେହେରା, ମଦନ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# କ୍ରୋମ ଓ ବିଆରପିଏଲ ପିଲେଟ୍ ପରିବହନରେ ଗାଡ଼ିମାଲିକଙ୍କୁ ଠିକାଦାରଙ୍କ ଶୋଷଣ

ଚଣ୍ଡିଖୋଲ, ୨୨/୧୦(ପିଏନ)- ବହୁ ବାଦ ବିବାଦ ପରେ ସୁକିନ୍ଦା ଖଣି ଉପତ୍ୟକାରୁ କ୍ରୋମ ପରିବହନ କରିବାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ଼୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲେ ମଧ ଏଥିରେ ବହୁ ବିଶୃଙ୍ଖଳା ଦେଖାଦେଇଛି । ଫଳରେ ଟ୍ରକ୍‌ମାଲିକମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ଚଣ୍ଡିଖୋଲ ସମେତ ଯାଜପୁର ଜିଲାର ଟ୍ରକ୍‌ମାଲିକମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ, ପାଷ୍ଟ କମ୍ ଫାଷ୍ଟ ଲୋଡ଼୍‌ରେ ଅବ୍ୟବସ୍ଥା ଏବଂ ପରିବହନ କ୍ଷେତ୍ରରେ ରାଜ୍ୟର ଟ୍ରକଗୁଡ଼ିକୁ ଅଗ୍ରାଧିକାର, ପରିବହନକାରୀ ଠିକାଦାରୀଙ୍କର ମନମୁଖି କାର୍ଯ୍ୟ, ଧାର୍ଯ୍ୟ ଭଡ଼ା ଠାରୁ କମ୍ ଭଡ଼ା ପ୍ରଦାନ, ଖଣି ଉପାତ୍ୟାକାରେ ପାର୍କିଂ ଅବ୍ୟବସ୍ଥା, ବିଶୃଙ୍ଖଳିତ ପରିବହନ ଅବ୍ୟବସ୍ଥା, ସଂଘ ସମୂହ ଓ ପ୍ରଶାସନ ସହଯୋଗରେ ମାଲ ପରିବହନ ଦାୟିତ୍ୱ ସଂଘକୁଦେବା, ବି.ଆର.ପି.ଏଲ.ରେ ନିୟୋଜିତ ଟ୍ରାନ୍‌ସପୋଟମାନଙ୍କର ମନମୁଖି କାର୍ଯ୍ୟ, ପରିବହନ କ୍ଷେତ୍ରରେ ଟ୍ରାନସପୋଟମାନଙ୍କ ଗାଡ଼ିକୁ ଅଗ୍ରାଧିକାର ଦେବା, ପରିବହନ କ୍ଷେତ୍ରରେ ଦଶ ଚକିଆ ଯାନକୁ ଚକ୍ରାନ୍ତ କରି ବାଦଦେବା ଆଦି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇ ଏହାର ସ୍ଥାୟୀ ସମାଧାନ ପାଇଁ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଛି । ପ୍ରକାଶ ଥାଉକି ଗତ କିଛି ଦିନ ହେବ ଯାଜପୁର ଜିଲା ପ୍ରଶାସନ ଦ୍ୱାରା ସୁକିନ୍ଦା କ୍ରୋମ ଉପତ୍ୟାକାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ଼ି ନିୟମ ଲାଗୁ ହୋଇଛି । ଏହା କିଛି ଦିନ ଚାଲିବା ପରେ ଏହା ଦ୍ୱାରା ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟାଗୁଡ଼ିକ ଦ୍ୱାରା ଗାଡ଼ିମାଲିକମାନେ ବହୁତ କ୍ଷତିର ସମ୍ମୁଖିନ ହେଉଛନ୍ତି । ପୂର୍ବରୁ କେବଳ ଯାଜପୁର ଜିଲା ଟ୍ରକ୍‌ମାଲିକମାନଙ୍କ ଦ୍ୱାରା ମାଇନିଂଙ୍ଗରୁ ପରିବହନ କାର୍ଯ୍ୟ କରିବାର ବ୍ୟବସ୍ଥା ଥିଲା ବେଳେ ଏବେ ରାଜ୍ୟ ବାହାର ଟ୍ରକ୍ ଗୁଡ଼ିକ କମ୍ ରେଟ୍‌ରେ ଲୋଡ଼୍ କରୁଥିବାରୁ ଯାଜପୁର ଜିଲାର ଟ୍ରକ୍‌ମାଲିକମାନଙ୍କୁ କ୍ଷତି ସହିବାକୁ ପଡୁଛି । ଟ୍ରାନସପୋଟରମାନେ ବିଭିନ୍ନ କୌଶଳ ଅବଲମ୍ବନ କରି କମ୍‌ରେଟ୍‌ରେ ଭଡ଼ା ପେମେଣ୍ଟ କରିବା ସଙ୍ଗେ ସଙ୍ଗେ ଧାର୍ଯ୍ୟ ରେଟ୍ ଠାରୁ କମ୍ ପେମେଣ୍ଟ କରୁଛନ୍ତି । କଳିଙ୍ଗ ନଗର ଠାରୁ ଲୁହା ପେଲେଟ୍ ପରିବହନ କରୁଥିବା ବି.ଆର.ପି.ଏଲ. କଳିଙ୍ଗନଗର ଠାରୁ ପାରାଦ୍ୱୀପ ଲୁହା ପେଲେଟ୍ ପରିବହନରେ ମଧ ସମସ୍ୟା ସୃଷ୍ଟି ହେଉଛି । ଟ୍ରକ୍‌ମାଲିକ ସଂଘ ଦାବୀ ଫଳରେ ପ୍ରଶାସନ ଦ୍ୱାରା ବି.ଆର.ପି.ଏଲ.ରୁ ପାରଦ୍ୱୀପ ମେଟ୍ରିକ୍ ଟନ୍ ପିଛା ୬୨୦ ଟଙ୍କା ଧାର୍ଯ୍ୟ ହୋଇଥିଲା । ଏବେ ତାହା ୫୭୦ ଟଙ୍କାରେ ପରିବହନ ହେଉଛି । ଫଳରେ ଟ୍ରକ୍‌ମାଲିକମାନେ ଆର୍ଥିକ ଶଙ୍କଟର ସମ୍ମୁଖିନ ହେଉଛନ୍ତି । କ୍ରମାଗତ ଭାବରେ ଡ଼ିଜେଲର ମୁଲ୍ୟ ବୃଦ୍ଧି ହେଉଥିବା ବେଳେ ବି.ଆର.ପି.ଏଲ. କମ୍ପାନୀ ଭଡ଼ା ହ୍ରାସ କରିବା ଯୋଗୁ ମଧ ଟ୍ରକ୍‌ମାଲିକମାନେ ଆର୍ଥିକ କ୍ଷତିର ସମ୍ମୁଖିନ ହେଉଛନ୍ତି । ପରିବହନ କ୍ଷେତ୍ରରେ ଟ୍ରାନସପଟରମାନେ ନିଜର ଗାଡ଼ିଗୁଡ଼ିକୁ ବହୁଳ ଭାବରେ ବ୍ୟବହାର କରିଥିବାରୁ ବଳିପଡ଼ିଥିବା ମାଲକୁ ଅନ୍ୟ ଟ୍ରକ ଗୁଡ଼ିକୁ ଦେଉଛନ୍ତି । ଫଳରେ ବହୁ ଟ୍ରକ ଲୋଡ ନପାଇ ଫେରୁଛନ୍ତି । ଏ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ଏକ ବୈଠକ ସଭାପତି ସନ୍ତୋଷ କୁମାର ରାଉତଙ୍କ ଅଦ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ବୈଠକରେ ସଂପାଦକ ପୁଷ୍ପରାଜ ନାୟକ, ଉପଦେଷ୍ଟା ବୁଦ୍ଧୁଡି ଭୂଷଣ ଜେନା, ଯୁଗ୍ମ ସଂପାଦକ ପ୍ରଶାନ୍ତ କୁମାର ଜେନା, ଉପ ସଭାପତି ଅଟଳ ଜେନା, ଦେବରଂଜନ ସ୍ୱାଇଁ, ଏମଡି ସନ୍ନା ଉଲ୍ଲା, ଚିତ୍ତରଂଜନ ମହାପାତ୍ର, ବିଜୟ ପାଲ ଯାଦବ, ବୈକୁଣ୍ଠ ସ୍ୱାଇଁ, ବିନାୟକ ସାହୁ, ଅଭୟ ସାମଲ, ବିରେନ ବିଶ୍ୱାଳ, ଫକୀର ନାରାୟଣ ମିଶ୍ର, ତୁହିନଂଶୁ ନାୟକ, ସେକ ଖୁସୁର, ପ୍ରମୋଦ କୁମାର ନାୟକ, ପ୍ରମୁଖ ଦୃଢ ଦାବୀ କରିଛନ୍ତି । ଏହାର ସମାଧାନ କରାନଗଲେ ସଂଘ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ଉପାୟ ଅବଲମ୍ବନ କରିବ ବୋଲି କହିଛନ୍ତି ।






# ପରିବେଶ ଅନୁକୂଳ କୌଶଳର ପ୍ରୟୋଗ କରୁଛି ଟାଟା ଷ୍ଟିଲ କଳିଙ୍ଗନଗର

କଳିଙ୍ଗନଗର: ନିଜ ପରିବେଶ ନୀତି ଅନୁସାରେ ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ପରିବେଶ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ପରିବେଶକୁ କୌଣସି ପ୍ରକାର ବିପଦରୁ ମୁକ୍ତ ରଖିବା ପାଇଁ କମ୍ପାନୀ ପକ୍ଷରୁ ଶ୍ରେଷ୍ଠ କୌଶଳର ବ୍ୟବହାର କରାଯାଉଛି। ଏକ ବୃହତ୍ତ ସ୍ତରରେ ସମାଜକୁ ପରିଷ୍କାର, ସବୁଜ ଓ ସୁରକ୍ଷିତ ରଖିବା ପାଇଁ କମ୍ପାନୀ ପକ୍ଷରୁ ଏହାର ଉତ୍ପାଦନ ପ୍ରକ୍ରିୟାରେ ସ୍ୱଚ୍ଛ ଓ ସବୁଜ କୌଶଳର ବ୍ୟବହାର କରାଯାଉଛି। ପରିବେଶ ଉପରେ ପ୍ରଭାବକୁ କମ୍ କରିବା ଓ ଦକ୍ଷ ସମ୍ବଳର ପ୍ରସାର ଭଳି ଟାଟା ଷ୍ଟିଲର ଦୃଷ୍ଟିକୋଣ କମ୍ପାନୀକୁ ଏହାର ପ୍ରକଳ୍ପ ପ୍ରଭାବକୁ କରିବା ଓ କମ୍ କରିବା ପାଇଁ ମାର୍ଗଦର୍ଶନ କରୁଛି। ଦୀର୍ଘସ୍ଥାୟୀ କାର୍ଯ୍ୟକ୍ଷେତ୍ରକୁ ବଜାୟ ରଖିବା ଏବଂ ଉତ୍ପାଦ ଓ ପ୍ରକ୍ରିୟାରେ ଲଗାତର ଉନ୍ନତି ଆଣିବ ଦ୍ୱାରା ଏହା ହାସଲ କରାଯାଇପାରିବ। ଟାଟା ଷ୍ଟିଲ ପକ୍ଷରୁ ଶକ୍ତିର ତିବ୍ରତା, ସବୁଜଘର ଗ୍ୟାସ ନିର୍ଗମନ ଓ ଜଳ ସଂରକ୍ଷଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ଜ୍ୟବସ୍ତୁ କମାଇବା, ଦୀର୍ଘସ୍ଥାୟୀ ଯୋଗାଣ ଧାରା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ଜୀବନଚକ୍ରଣ ଆକଳନ ମାଧ୍ୟମରେ ପରିବେଶ ଉପରେ ଉତ୍ପାଦଗୁଡ଼ିକର ପ୍ରଭାବ ସମ୍ପର୍କରେ ଜାଣିବା ପାଇଁ ଉଦ୍ୟମ ଜାରି ରହିଛି। ୱେଷ୍ଟ ହିଟ୍ ରିକଭରି ପାଇଁ ଉପଲବ୍ଧ ଶ୍ରେଷ୍ଠ କୌଶଳ ଯଥା ଟପ୍ ରିକଭରି ଟରବାଇନ୍ (ଟିଆରଟି), କୋକ୍ ଡ୍ରାଏ କ୍ୱେନ୍‌ଚିଂ (ସିଡିକ୍ୟୁ) ଭଳି ଶ୍ରେଷ୍ଠ କୌଶଳର ପ୍ରୟୋଗ, ଶକ୍ତି ସୃଷ୍ଟି ପାଇଁ ଉପ-ଉତ୍ପାଦ ଗ୍ୟାସର ବ୍ୟବହାର ଓ ଅନ୍ୟ ଶକ୍ତି କ୍ଷମତା ବିଶିଷ୍ଟ ପଦକ୍ଷେପ ସମ୍ବଳର ଦକ୍ଷତାରେ ଉନ୍ନତି ଆଣିବା ସହିତ କାର୍ବନ ପଦଚିହ୍ନ କମ୍ କରିବାରେ ସଫଳ ହୋଇଛି। ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର୍ସ (ଇଏସ୍‌ପିଏସ୍), ବ୍ୟାଗ୍ ଫିଲଟର୍ସ, ଗ୍ୟାସ କ୍ଲିନିଂ ପ୍ଲାଣ୍ଟ (ଜିସିପି) ଭଳି ଶ୍ରେଷ୍ଠ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣ ସ୍ଥାପନରେ ପୁଞ୍ଜି ବିନିଯୋଗ ମାଧ୍ୟମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ନିର୍ଦ୍ଧାରିତ ମାନକଠାରୁ ନିର୍ଗମନକୁ ଆହୁରି କମ୍ କରାଯାଇପାରିଛି। ପ୍ରମୁଖ ଷ୍ଟାକ୍‌ଗୁଡ଼ିକରେ ଅନ୍‌ଲାଇନ୍ ଷ୍ଟାକ୍ ପରିଚାଳନା ପ୍ରଣାଳୀ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଇସ୍ପାତ କାରଖାନାର କାର୍ଯ୍ୟ ପ୍ରକ୍ରିୟାରେ ବାହାରୁଥିବା ଜଳକୁ କାରଖାନା ପାଇଁ ଉଦ୍ଦିଷ୍ଟ ଜଳ ପାଇଁ ପ୍ରାଥମିକ ଉପଚାର ଓ କେନ୍ଦ୍ରୀୟ ପ୍ରବାହ ଉପଚାର ପ୍ଲାଣ୍ଟରେ ତ୍ରିସ୍ତରୀୟ ଉପଚାର କରାଯାଇଥାଏ। ଉପଚାର ଜଳକୁ କାରଖାନା ମଧ୍ୟରେ ସବୁଜ ବଳୟର ବିକାଶ ଭଳି କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ଏହାଫଳରେ ଗତ ୩ ବର୍ଷ ମଧ୍ୟରେ ପରିଷ୍କାର ଜଳର ବ୍ୟବହାର ୪୬ ରୁ ଅଧିକ ପ୍ରତିଶତ କମ୍ କରାଯାଇପାରିଛି।

## ୟେସ୍ ବ୍ୟାଙ୍କ ପାଳନ କଲା ‘୧୫ତମ ସାଙ୍ଗଠାନିକ ସଫଳତା’

ଭୁବନେଶ୍ୱର : ୟେସ୍ ବ୍ୟାଙ୍କ ନିଜର ’୧୫ତମ ସାଙ୍ଗଠାନିକ ସଫଳତା’ ପାଳନ କରିବା ସହ ଫେଷ୍ଟିଭ୍ ସିଜିନ୍‌ର ଆରମ୍ଭ ମଧ୍ୟ କରିଛି। ଏହି ସଫଳତାର ଉତ୍ସବ ୧୧୦୦ରୁ ଅଧିକ ୟେସ୍ ବ୍ୟାଙ୍କ ଶାଖାରେ ପାଳନ କରାଯାଉଛି। ୧୫ତମ ସାଙ୍ଗଠାନିକ ସଫଳତା ଅବସରରେ ୟେସ୍ ବ୍ୟାଙ୍କ ନିଜର ଭୁବନେଶ୍ୱର ଶାଖାରେ ନିଜର ଗ୍ରାହକ ମାନଙ୍କୁ ଆମନ୍ତ୍ରଣ କରି ଏହି ଉତ୍ସବକୁ ବହୁ ଆନନ୍ଦରେ ପାଳନ କରିଛି। ଏହି ଅବସରରେ ୟେସ୍ ବ୍ୟାଙ୍କର ବ୍ରାଞ୍ଚ ଏବଂ ରିଟେଲ୍ ବ୍ୟାଙ୍କିଙ୍ଗର, ବିରିଷ୍ଠ ଗ୍ରୁପ୍ ସଭାପତି ଏବଂ ଗ୍ରୁପ୍ ମୁଖ୍ୟ ଶ୍ରୀଯୁକ୍ତ ରାଜନ ପେଟଲ୍ କହିଛି ଯେ, ‘ଗତ ୧୫ ବର୍ଷ ହେବ ଗ୍ରାହକ ମାନଙ୍କ ସହିତ ଏକ ସୁସର୍ମ୍ପକ ଏବଂ ସଠିକ ବୁଝାବଣା ରହିଥିବାରୁ ଆମେ ବହୁତ ଗର୍ବିତ। ଏହି ଉତ୍ସବ ତାଙ୍କର ଯୋଗଦାନ ଆମର ସଫଳତାର ଏକ ଅଶଂ ଅଟେ। ଆଶା କରୁଛୁ ଯେ, ଆଗକୁ ମଧ୍ୟ ବ୍ୟାଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରାଯିବା ସହ ଏକ ସୁସମ୍ପର୍କ ସ୍ଥାପନରେ ଆମେ ସକ୍ଷମ ହେବୁ।‘

# ଭୁବନେଶ୍ୱରର ପାରମ୍ପରିକ କାରିଗରଙ୍କ ସହ ଯୋଡ଼ିହେଲା ‘ଏଟସି’



ଭୁବନେଶ୍ୱର: ସ୍ୱତନ୍ତ୍ର, ହାତତିଆରି ଓ ଅଭିନବ ଉତ୍ପାଦର ବିଶ୍ୱ ସ୍ତରୀୟ ବଜାର ଭାବେ ପରିଗଣିତ ଏଟସି ତରଫରୁ ସହରର କାରିଗରମାନଙ୍କ ମଧ୍ୟରେ ଲଘୁ ଉଦ୍ୟମିତାର ପ୍ରସାର କରିବା ଲାଗି ଭୁବନେଶ୍ୱରରେ ଆୟୋଜନ କରାଯାଇଛି ‘ଦି ଏଟସି କଲେକ୍ଟିଭ’ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଆଲୋଚନା ଓ ସୂଚନା ଭିତିକ ଅଧିବେଶନ ଆୟୋଜନ କରାଯାଇଥିଲା ଯେଉଁଥିରେ ପରିକଳ୍ପନା ଏବଂ ହସ୍ତକଳାକୁ ଭଲ ପାଉଥିବା ଲୋକମାନେ ଅଂଶଗ୍ରହଣ କରିଥିଲେ।‘ହୋପିଙ୍ଗ ଚିଡିୟା’ ନାମରେ ହାତତିଆରି କାଗଜ ଗହଣା ବିକ୍ରି କରୁଥିବା ଏଟସିର ବିକ୍ରେତା ତଥା ମହିଳା ଉଦ୍ୟୋଗୀ କନୁପ୍ରିୟାଙ୍କ ଆଲୋଚନା ଅଧିବେଶନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନଲାଇନରେ ଏବଂ ଏଟସି ସପରେ କିଭଳି ବିକ୍ରି କରାଯାଇପାରିବ ସେ ନେଇ ଅଂଶଗ୍ରହଣ କରିଥିବା କାରିଗରମାନେ ପ୍ରଶ୍ନ କରିଥିଲେ ଏବଂ ଏଟସିର ପ୍ରତିନିଧିମାନେ ସେମାନଙ୍କ ଉତର ପ୍ରଦାନ କରିଥିଲେ। ପରିକଳ୍ପନା ଏବଂ କାରିଗରୀ ଭାବର ଉତ୍ସବ ପାଳନ କରିବା ଲାଗି ଏହି କାର୍ଯ୍ୟକ୍ରମ ଶେଷରେ ଡିପିଆର-ଆର୍ଟଲାଇଫର ସ୍ଥାନୀୟ କଳାକାର ଲିପସା ଏବଂ ଦେବୀଙ୍କ ତରଫରୁ ଏକ ଡିଆଇୱାଇ କର୍ମଶାଳା ଆୟୋଜନ କରାଯାଇଥିଲା ଯାହା ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ଉଲ କଣ୍ଢେଇ ପେଟିଂର କଳା ଶିଖାଇଥିଲା। ଏଟସି କଲେକ୍ଟିଭ ସମ୍ପର୍କରେ ହିମାଂଶୁ ବର୍ଦ୍ଧମାନ, ଭାରତ ପାଇଁ ପରିଚ୍ଳନା ନିର୍ଦେଶକ, ଏଟସି କହିଛନ୍ତି ଯେ, ‘କାରିଗର ଗୋଷ୍ଠୀ ଏବଂ ସ୍ଥାନୀୟ କ୍ଷୁଦ୍ର ବିକ୍ରେତାଙ୍କ ପ୍ରସାର ଲାଗି ଭାରତରେ ଆମେ ତୃଣମୂଳ ସ୍ତରୀୟ ପଦକ୍ଷେପ ଗ୍ରହଣ କରିବା ଉପରେ ବିଶ୍ୱାସ କରୁଥିବାରୁ ଏଟସି କଲେକ୍ଟିଭ ହେଉଛି ସେମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଜଡ଼ିତ ହେବାର ଶ୍ରେଷ୍ଠ ମାଧ୍ୟମ। ଏଟସି କଲେକ୍ଟିଭ ସେମାନଙ୍କୁ ଡିଜିଟାଲ କ୍ଷେତ୍ରରେ ରହିଥିବା ସୁଯୋଗର ଅନୁସନ୍ଧାନ କରିବା ଏବଂ ଅନଲାଇନ ବିକ୍ରି ଉପରେ ସେମାନଙ୍କୁ ଅଧିକ ଜାଣିବାରେ ସହାୟତା ପ୍ରଦାନ କରିଥିଲା। ଏହି ବିଶ୍ୱ ସ୍ତରୀୟ ପ୍ଲାଟଫର୍ମ କ୍ଷୁଦ୍ର ବିକ୍ରେତାଙ୍କ ଉପରେ ଗୁରୁତ୍ୱ ଦେଉଥିବାରୁ ଭୁବନେଶ୍ୱର ଗୃହିଣୀ ହୁଅନ୍ତୁ କିମ୍ବା କ୍ଷୁଦ୍ର ନିର୍ମାତା ଆମେ ପ୍ରତିଟି ଅଭିନବ ଚିନ୍ତାଧାରାର ବ୍ୟକ୍ତିଙ୍କୁ ସେମାନଙ୍କ ସର୍ତ ଅନୁସାରେ ଉଦ୍ୟୋଗୀ ହେବା ଲାଗି ଉତ୍ସାହିତ କରୁଛୁ। ଭୁବନେଶ୍ୱରରେ ହସ୍ତକଳାକୁ ନେଇ ରହିଥିବା ଆଗ୍ରହକୁ ଦେଖି ମୁଁ ଅତ୍ୟନ୍ତ ପ୍ରଭାବିତ।’’ ଏହି କାର୍ଯ୍ୟକ୍ରମରେ ବିପୁଳ ପରିମାଣର ଲୋକ ବିଶେଷ କରି ଅଧିକ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ସଂଯୋଗର ବିଷୟ ହେଉଛି ଏଟସିରେ ୮୭% ବିକ୍ରେତା ହେଉଛନ୍ତି ମହିଳା ଏବଂ ୯୭% ଲୋକ ସେମାନଙ୍କ ଅଭିନବ ଚିନ୍ତାଧାରା କାରବାରକୁ ନିଜ ଘରୁ ପରିଚ୍ଳିତ କରୁଛନ୍ତି। ବିଶ୍ୱ ସ୍ତରରେ ଏଟସିର ସାରା ବିଶ୍ୱର ୮୦ରୁ ଅଧିକ ଦେଶରେ ୨.୩ ନିୟୁତ ବିକ୍ରେତା ଏବଂ ୪୩.୭ ନିୟୁତ କ୍ରେତା ରହିଛନ୍ତି। ଏଟସି କଲେକ୍ଟିଭ ଜରିଆରେ ଭାରତରେ ରହିଥିବା ବିକ୍ରେତାଙ୍କ ସଂଖ୍ୟା ବଢ଼ାଇବା ଏବଂ ଭାରତର ବୃହତ ଅଭିନବ ଚିନ୍ତାଧାରା ରଖିଥିବା ଗୋଷ୍ଠୀ ସାମ୍ନାରେ ନିଜର ଅନୁଭୂତି ବଖାଣିବାରେ ସହାୟତା ପ୍ରଦାନ କରିବା ଲାଗି ଲକ୍ଷ୍ୟ ରଖାଯାଇଥିଲା। ଏଟସି କଲେକ୍ଟିଭକୁ ୨୦୧୮ରେ ଆରମ୍ଭ କରାଯାଇଥିଲା ଏବଂ ଭାରତର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ଏଭଳି ୩୮ ପାଖାପାଖି କଲେକ୍ଟିଭ ଆୟୋଜନ କରାଯାଇଛି। ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଗୋଆ, ଅହମ୍ମଦାବାଦ, ଭୋପାଳ, କୋଲକାତା, ପୁଡୁଚେରି, ଜମ୍ମୁ, ଚେନ୍ନାଇ, କୋଚି, ପୁନେ, ଗେହ୍ୱାଟି, ଲକ୍ଷ୍ନୌ, ଥିରୁବନ’ପୁରମ, କୋଲକାତା ଆଦି ସହରରେ ଏଟସି କଲେକ୍ଟିଭ ଆୟୋଜନ କରାଯାଇଛି।

## ଫିଲିପ୍ସ ଇଣ୍ଡିଆ ପକ୍ଷରୁ ଭାରତରେ ‘ହର ସାଁସ ମେ ଜିନ୍ଦଗୀ’ ସିଏସଆର ଅଭିଯାନର ଶୁଭାରମ୍ଭ

ଭାରତ- ନେଦରଲ୍ୟାଣ୍ଡ ସ୍ଥିତ ରୟାଲ ଫିଲସ୍‌ର ଏକ ସହକାରୀ ତଥା ସ୍ୱାସ୍ଥ୍ୟ ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ଫିଲିପ୍ସ ଇଣ୍ଡିଆ, ଭାରତରେ ଶୈଶବକାଳୀନ ନିମୋନିଆ ଉପରେ ସଚେତନତା ବଢ଼ାଇବା ନିମନ୍ତେ ’ହର ସାଁସ ମେ ଜିନ୍ଦଗୀ’ ନାମକ ଏକ ସିଏସଆର ଅଭିଯାନର ଶୁଭାରମ୍ଭ କରିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଅଭିଭାବକ, ପରିବାର ଏବଂ ମାତାପିତାଙ୍କ ନୀକଟରେ ପହଞ୍ଚିବା ଏବଂ ସେମାନଙ୍କୁ ଶୈଶବକାଳୀନ ନିମୋନିଆର ଗମ୍ଭୀରତା ସମ୍ପର୍କରେ ହୃଦୟଙ୍ଗମ କରାଇବା, ଯାହାକି ଦେଶରେ ସଂକ୍ରମଣାତ୍ମକ ରୋଗ ଜନିତ ୫ ବର୍ଷରୁ କମ ବୟସ୍କ ମୃତ୍ୟୁହାରର ପ୍ରମୁଖ କାରଣ ଗୁଡ଼ିକ ମଧ୍ୟରୁ ଅନ୍ୟତମ। ପାଞ୍ଚ ବର୍ଷରୁ କମ ବୟସର ପିଲାଙ୍କଠାରେ ନିମୋନିଆ ଜନିତ ମୃତ୍ୟୁସଂଖ୍ୟା ଦେଶର ସମସ୍ତ ମୃତ୍ୟୁସଂଖ୍ୟାର ପାଖାପାଖି ୧୫% ହୋଇଥିବା ବେଳେ, ପ୍ରତି ଚାରି ମିନିଟରେ ଜଣେ ଶିଶୁ ନିମୋନିଆରେ ମୃତ୍ୟୁବରଣ କରୁଥିବାର ଦେଖାଯାଉଛି। ଏକ ସଂକ୍ରମଣଶୀଳ ରୋଗଭାବେ ଏହାକୁ ସହଜରେ ଦୂରୀକରଣ, ଚିହ୍ନଟ ଏବଂ ଚିକିତ୍ସା କରାଯାଇ ପାରିବ। ଏହି ଅଭିଯାନ ମାଧ୍ୟମରେ ଆମେ ଉଭୟ ସହର ଏବଂ ଗ୍ରାମୀଣ ଅଞ୍ଚଳ ଗୁଡ଼ିକ ଉପରେ ଧ୍ୟାନ ଦେବା ସମେତ ଟିଭି, ରେଡିଓ, ପ୍ରିଣ୍ଟ, ଡିଜିଟାଲ, ସୋସିଆଲ ମିଡିଆ ଚ୍ୟାନେଲ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପଦକ୍ଷେପ ମାଧ୍ୟମରେ ଲୋକମାନଙ୍କ ନିକଟରେ ପହଞ୍ଚିବାର ଲକ୍ଷ୍ୟ ରଖିଛୁ। ଏହି ଅବସରରେ ଫିଲିପ୍ସ ଭାରତୀୟ ଉପମହାଦେଶର ଉପାଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡାନିଏଲ ମେଜନ କହିଛନ୍ତି, ‘୫ ବର୍ଷରୁ କମ ବୟସର ପିଲାଙ୍କ ଠାରେ ନିମୋନିଆ ଦୂରୀକରଣ ନିମନ୍ତେ ସଠିକ ସମୟରେ ସେଗୁଡ଼ିକୁ ଚିହ୍ନଟ କରିବା ଏବଂ ଅଭିଭାବକ ତଥା ଯତ୍ନପ୍ରଦାନକାରୀ ମାନଙ୍କୁ ରୋଗଚିହ୍ନଟ ଏବଂ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷିତ କରାଇବାକୁ ହୋଇଥାଏ।

# ଏଲ୍‌ଆଇସିହାଉସିଂ ଫାଇନାନ୍ସର ଆର୍ଥିକ ଫଳାଫଳ ଘୋଷଣା

ମୁମ୍ବାଇ : ଗତ ସେପ୍ଟେମ୍ବର ୩୦ ତାରିଖସୁଦ୍ଧାଶେଷହୋଇଥିବାଚଳିତ ଆର୍ଥିକବର୍ଷର ଦ୍ୱିତୀୟତ୍ରୟମାସର ଆର୍ଥିକ ଫଳାଫଳଏଲ ଆଇସିହାଉସିଂ ଫାଇନାନ୍ସଲିମିଟେଡ଼ ପକ୍ଷରୁଘୋଷଣା କରାଯାଇଛି। ମୁମ୍ବାଇଠାରେ ଗତ ୧୯ ତାରିଖରେ ଅନୁଷ୍ଠିତ ନିର୍ଦ୍ଦେଶନାମଣ୍ଡଳୀ ବୈଠକରେଏହି ଫଳାଫଳକୁ ଅନୁମୋଦିତକରାଯାଇଥିଲା। ।ଇଣ୍ଡଏସ୍‌ବିଜ୍ଞପ୍ତି ଅନୁଯାୟୀଏହି ଫଳାଫଳଘୋଷଣା କରାଯାଇଛି। ପୂର୍ବ ଆର୍ଥିକବର୍ଷରଏହି ସମୟରେ ମୋଟବିତରଣ ୧୪୨୯୪ କୋଟି ଥିଲାବେଳେଚଳିତ ଆର୍ଥିକବର୍ଷର ଦ୍ୱିତୀୟତ୍ରୟମାସରେବିତରଣ ୧୨୧୭୩ କୋଟିଟଙ୍କାରହିଛି ।ଏହାମଧ୍ୟରେ ବ୍ୟକ୍ତିଗତ ଗୃହରଣ କ୍ଷେତ୍ରରେ ୧୬% ଅଭିବୃଦ୍ଧିଘଟିଏହା ୮୭୩୯ କୋଟିଟଙ୍କାରୁବୃଦ୍ଧି ପାଇ ୧୦୧୩୬ କୋଟିଟଙ୍କାହୋଇଛି । ଚଳିତତ୍ରୟ ମାସରେ ପ୍ରକଳ୍ପ ଋଣ ପରିମାଣ ୪୪୫ କୋଟି ଟଙ୍କାରହିଛି ଯାହା ଗତ ଆର୍ଥିକ ବର୍ଷରଏହି ସମୟରେ ୨୯୭୦ କୋଟିଟଙ୍କା ଥିଲା । ଚଳିତତ୍ରୟମାସରେକଂପାନୀ ଆୟ ୧୮% ବୃଦ୍ଧି ପାଇ ୪୯୭୯ କୋଟିଟଙ୍କାହୋଇଛି ଯାହା ଗତ ତ୍ରୟମାସରେ ୪୨୦୮ କୋଟିଟଙ୍କା ଥିଲା। କାରବାର ରାଜସ୍ୱ ୧୮% ବୃଦ୍ଧି ପାଇ ୪୨୦୨ କୋଟିଟଙ୍କାରୁ ୪୯୭୩ କୋଟି ଟଙ୍କାକୁବୃଦ୍ଧି ପାଇଛି ।ନେଟ୍‌ସୁଧ ଆୟରେ ୧୬% ବୃଦ୍ଧି ପାଇଏହା ୧୦୪୭ କୋଟି ଟଙ୍କାରୁବୃଦ୍ଧି ପାଇ ୧୨୧୩ କୋଟି ଟଙ୍କାହୋଇଛି । ଟିକସସହଲାଭରେ ୧୫% ଅଭି ବୃଦ୍ଧି ଘଟିଏହା ୮୫୬.୦୬ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷଏହି ସମୟରେ ୭୪୫.୩୪ କୋଟିଟଙ୍କା ଥିଲା । ଟିକସବାଦେ ନେଟ୍‌ଲାଭ ୩୫% ବୃଦ୍ଧି ପାଇ ୭୭୨.୨୦ କୋଟି ଟଙ୍କାହୋଇଛି ଯାହା ପୂର୍ବ ବର୍ଷ ଏହି ସମୟରେ ୫୭୩.୧୬ କୋଟିଟଙ୍କା ଥିଲା। କଂପାନୀରମୋଟ ଋଣ ପରିମାଣ ଏହି ସମୟରେ ୨୦୩୦୩୭ କୋଟିଟଙ୍କାହୋଇଛି ଯାହା ପୂର୍ବବର୍ଷ ଏହି ସମୟ ସୁଦ୍ଧା ୧୭୭୩୯୩ କୋଟି ଥିଲା। ଏକ୍ଷେତ୍ରରେ ୧୪.୫% ଅଭିବୃଦ୍ଧି ଘଟିଛି । ଏହା ମଧ୍ୟରୁଖୁଚୁରା ଋଣ କ୍ଷେତ୍ରରେ ୧୪% ଅଭିବୃଦ୍ଧିଘଟିଥିବା ବେଳେ ବ୍ୟକ୍ତିଗତ ଘରୋଇ ଋଣ ୧୩% ବୃଦ୍ଧି ପାଇଛି। ଏହି ଫଳାଫଳ ଉପରେ କଂପାନୀର ପରିଚାଳନା ନିର୍ଦ୍ଦେଶକତ ଥାସିଇଓସିଦ୍ଧାର୍ଥମହାନ୍ତି କହିଛନ୍ତିଯେ, ବାହ୍ୟ ବ୍ୟବସ୍ଥା ଆହ୍ୱାନକର ହୋଇଥିବା ସତ୍ତ୍ୱେକଂପାନୀ ଗୃହରଣ ଅଭିବୃଦ୍ଧିବଜାୟ ରଖିବାରେ ସମର୍ଥହୋଇପାରିଛି । ସଂପତ୍ତିମାନ କ୍ଷେତ୍ରରେ ଥିବାସମସ୍ୟା ଦୂର ପାଇଁ ଆମେ ଦୃଷ୍ଟି ଦେଉଛୁ ଏବଂ ଆଗାମୀ ତ୍ରୟ ମାସରେଏହା ନିୟନ୍ତ୍ରଣ ପାଇଁ ଆମେ ଆଶାବାଦୀ ବୋଲିସେ କହିଛନ୍ତି।

## ଗୁଗୁଲ୍ ଲେନ୍ସ କ୍ୟାମେରା ସହିତ ସାଓମି ପକ୍ଷରୁ ରେଡ଼ମି ୮ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ନମ୍ବର ୧ ସ୍ମାର୍ଟଫୋନ୍ ତଥା ସ୍ମାର୍ଟ ଟିଭି ବ୍ରାଣ୍ଡ ସାଓମି ଏହାର ରେଡ଼ମି ସିରିଜ୍‌ରେ ରେଡ଼ମି ୮କୁ ସଂଯୋଗ କରିଛି। ସମସ୍ତ ପ୍ରକାରର ଅନୁଭୂତି ପ୍ରଦାନ କରିବା ନିମେ’ ଏହି ସେଗମେଣ୍ଟର ସ୍ମାର୍ଟଫୋନ୍‌ରେ ରେଡ଼ମି ୮ ପ୍ରଥମ କରି ୪ ଜିବି ର୍ୟାମ୍ ଓ ୬୪ ଜିବି ଷ୍ଟୋରେଜ୍ ସହିତ ଆସୁଛି। ଏଥିରେ ଏକ ୧୨ ଏମ୍‌ପି ସୋନୀ ଆଇଏମ୍‌ଏକ୍ସ୩୬୩ ଦୁଇଟି କ୍ୟାମେରା ସେଟ୍‌ଅପ୍, ଦୁଇଦିନ ଚାର୍ଜ ରଖୁଥିବା ୫୦୦୦ ମେଗାହର୍ଜର ଏକ ବୃହତ ବ୍ୟାଟେରୀ, ରେଡ଼ମି ୭ର ମାଇକ୍ରୋ ୟୁଏସ୍‌ବି ପୋର୍ଟରୁ ଆସିଥିବା ଏକ ୟୁଏସ୍‌ବି ଟାଇପ୍ ସି ପୋର୍ଟ ରହିଛି ଏବଂ ଏହା ୧୮ ୱାଟ୍ ଦ୍ରୁତ ଚାର୍ଜିଂ ଭଳି ଆହୁରି ଅନେକ ବୈଶିଷ୍ଟ୍ୟରେ ବ୍ୟବସ୍ଥିତ ହୋଇ ଆସିଛି। ଏହାର ୩ଜିବି + ୩୨ ଜିବି ଓ ୪ ଜିବି + ୬୪ ଜିବି ବିଶିଷ୍ଟ ଦୁଇଟିଯାକ ସଂସ୍କରଣ ଯଥାକ୍ରମେ ୭,୯୯୯ ଟଙ୍କା ଓ ୮,୯୯୯ ଟଙ୍କା ରହିଛି। ପାଞ୍ଚ ବର୍ଷ ମଧ୍ୟରେ ଭାରତରେ ୧୦୦ ନିୟୁତରୁ ଅଧିକ ସ୍ମାର୍ଟଫୋନ ବିକ୍ରୟ ସହ ଭାରତରେ ୫ ବର୍ଷର ପୂର୍ତ୍ତିକୁ ପାଳନ କରିବା ସହ ସାଓମି ଇଣ୍ଡିଆ ଏହାର ଏମଆଇ ପ୍ରଶଂସକ ମାନଙ୍କୁ ଟ.୫୦୦/- ମୂଲ୍ୟର ଉପହାର ପ୍ରଦାନ କରୁଛି। ଏଭଳି କରିବା ଦ୍ୱାରା ରେଡମି ୮ କିଣୁଥିବା ପ୍ରଥମ ୫ ନିୟୁତ କ୍ରେତାମାନେ ୪ଜିବି + ୬୪ ଜିବି ସଂସ୍କରଣକୁ ମାତ୍ର ଟ. ୭,୯୯୯ରେ କିଣିବାକୁ ସମର୍ଥ ହୋଇ ପାରିବେ।

# ଦୁବାଇରେ ଓଡିଆ ପୁଅ ଅମୃତେନ୍ଦୁଙ୍କୁ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ

ଭୁବନେଶ୍ୱର; ସୋସାଇଟି ଫର୍ ଆକ୍ନୋଲଜମେଣ୍ଟ ଫର ୱାର୍କ ଏକ୍ସିଲେନ୍ସି ଦ୍ୱାରା ନିକଟରେ ଦୁବାଇରେ ଅନୁଷ୍ଠିତ ହୋଇଯାଇଥିବା ଏକ କାର୍ଯ୍ୟକ୍ରମରେ ଓଡିଶାର ଜଣେ ଯୁବ ଚଳଚିତ୍ର ନିର୍ମାତା ଅମୃତେନ୍ଦୁ ବରାଳଙ୍କୁ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ କରାଯାଇଛି । ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡ ହେଉଛି ଏସ୍.ଏ.ଡବ୍ଲୁ.ଇର ଏକ ଅଭିନବ ପ୍ରୟାସ ଯାହା ଦ୍ୱାରା ପ୍ରତିଭାଶାଳୀ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କର ଅସାଧାରଣ କାର୍ଯ୍ୟ ନିମନ୍ତେ ସମ୍ମାନିତ କରାଯାଇଥାଏ । ଆଇ.ଆଇ.ଇ.ଏର ଦୁବାଇ ସଂସ୍କରଣଟି ଭାରତ ରତ୍ନ ପ୍ରାପ୍ତ ଶ୍ରୀ ପ୍ରଣବ୍ ମୁଖାର୍ଜୀଙ୍କ ଦ୍ୱାରା ଦିଲ୍ଲୀ ସ୍ଥିତ ସମ୍ବିଧାନୀକ ସଭାଠାରେ ଶୁଭାରମ୍ଭ କରାଯାଇଥିଲା ଅମୃତେନ୍ଦୁଙ୍କୁ ‘ଫିଲ୍ମ ମେକିଙ୍ଗ୍ ଅଫ୍ ଦ ଇୟର’ଶ୍ରେଣୀରେ ଚୟନ କରାଯାଇଥିଲା, ଯେଉଁଥିରେ ସେ ତାଙ୍କର ଡକୁମେଣ୍ଟ୍ରି ଚଳଚିତ୍ର ‘ମିସନ୍ ଗଙ୍ଗେ’ ପାଇଁ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ ହୋଇଥିଲେ। ମିସନ୍ ଗଙ୍ଗେ ଟାଟା ଷ୍ଟିଲ୍ ଆଡ୍‌ଭେନ୍‌ଚର ଫାଉଣ୍ଡେସନ୍‌ର ପ୍ରଚେଷ୍ଟାରେ ନିର୍ମିତ ହୋଇଥିବା ବେଳେ ଏହା ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ମଧ୍ୟ ପ୍ରସଂଶା ସାଉଁଟିବା ସହିତ ଗଙ୍ଗା ନଦି ତଟରୁ ୫୦ ଟନ୍ ଅବର୍ଜନା ସଫା କରିବାରେ ମଧ୍ୟ ସଫଳ ହୋଇପାରିଛି। ବଲିଉଡ୍‌ର ପ୍ରଖ୍ୟାତ୍ ଅଭିନେତା ଶ୍ରୀ ଅନିଲ୍ କପୁର ଏବଂ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ସାହେଦ୍ ସାହାନୱାଜ୍ ହୁସେନ୍‌ଙ୍କ ଠାରୁ ଆୱାର୍ଡ ଗ୍ରହଣ କରିଥିଲେ ଅମୃତେନ୍ଦୁ। ‘ମୋ କଠିନ ପରିଶ୍ରମକୁ ସିକୃତି ମିଳିଥିବାରୁ ମୁଁ ଇଣ୍ଡିଆ ଇ???ରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡ ଏବଂ ଏସ୍.ଏ.ଡବ୍ଲୁ.ଇକୁ ହୃଦୟର ସହିତ ଧନ୍ୟବାଦ୍ ଦେଉଛି। ମୁଁ ମୋ ଓଡିଶାକୁ ଏକ ଆନ୍ତର୍ଜାତିୟ ସ୍ତରରେ ପ୍ରତିନିଧିତ୍ୱ କରିପାରିଛି ସେଥିପାଇଁ ଗର୍ବିତ ଏବଂ ଏହି ଯାତ୍ରାରେ ମୋର ଉପଦେଷ୍ଟା ପଦ୍ମ ଭୁଶଣ ବୀରେନ୍ଦ୍ରି ପାଲ୍ ବୋଲି ଅମୃତେନ୍ଦୁ କହିଛନ୍ତି।‘

# ଦି ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୧୯ ଉଦ୍‌ଘାଟିତ

ନୂଆଦିଲ୍ଲୀ: ଦକ୍ଷିଣ ଏସିଆର ସର୍ବବୃହତ ଡିଜିଟାଲ ପ୍ରଯୁକ୍ତି ମଞ୍ଚ ଦି ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୧୯କୁ କେନ୍ଦ୍ର ଟେଲିଯୋଗାଯୋଗ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଉଦ୍ଘାଟନ କରିଛନ୍ତି। ଏହି କଂଗ୍ରେସ ଭାରତ ସରକାରଙ୍କ ଟେଲିଯୋଗାଯୋଗ ବିଭାଗ ଓ ସିଓଏଆଇର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଛି । ଦି ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୧୯ ଉଦ୍ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ ଯେ, ଭାରତୀୟ ଟେଲିଯୋଗାଯୋଗ କ୍ଷେତ୍ର ଇତିମଧ୍ୟରେ ଯଥେଷ୍ଟ ଅଗ୍ରଗତି ଲାଭ କରିଛି । ଏହା ଦେଶର ଆର୍ଥିକ ମେରୁଦଣ୍ଡ ଭାବେ ଉଭା ହୋଇଛି । ଟେଲିକମ୍ କ୍ଷେତ୍ରରେ ଅନେକ ନୂଆ ଉଦ୍ଭାବନର ଉପଯୋଗ ହୋଇଛି। କିନ୍ତୁ ଭାରତର ଏହି ଟେଲିକମ୍ କାହାଣୀ ସମଗ୍ର ବିଶ୍ୱକୁ ପ୍ରଦର୍ଶନ କରିବା ପାଇଁ ଆମର କୌଣସି ମଞ୍ଚ ନଥିଲା। ଏବେ ଦି ଇଣ୍ଡିଆ ମୋବାଇଲ କଂଗ୍ରେସ ଏହି ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇପାରିଛି । ଏହି କଂଗ୍ରେସର ୩ୟ ସଂସ୍କରଣ ଉଦ୍ଘାଟନ କରି ସେ ଅତ୍ୟନ୍ତ ଆନନ୍ଦିତ ବୋଲି ରବିଶଙ୍କର ଏହି ଅବସରରେ କହିଥିଲେ। ଏହି କଂଗ୍ରେସ ଦେଶର ଟେଲିକମ୍ ନୀତି ପ୍ରଣୟନ ପାଇଁ ନିଷ୍ପତ୍ତି ନେବାରେ କେବଳ ଯେ ସହାୟକ ହେବ ସେକଥା ନୁହେଁ ,ଏହା ପ୍ରଧାନମନ୍ତ୍ରୀଙ୍କ ମେକ୍ ଇନ୍ ଇଣ୍ଡିଆ ଓ ଷ୍ଟାର୍ଟ ଅପ ଇଣ୍ଡିଆକୁ ତ୍ୱରାନ୍ୱିତ କରିବାରେ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ । ଏହି କଂଗ୍ରେସରେ କେନ୍ଦ୍ର ଟେଲିକମ୍ ସଚିବ ଅଂଶୁ ପ୍ରକାଶ, ଆଇଟିୟୁ ଡ଼େପୁଟି ସେକ୍ରେଟାରୀ ଜେନେରାଲ ମାଲକମ୍ ଜନସନ୍, ରେଡ଼ ହ୍ୟାଟ ର ସିଇଓ ତଥା ସଭାପତି ଜିମ୍ ୱାଟରହର୍ଷ୍ଟ, ଭାରତୀ ଏଣ୍ଟରପ୍ରାଇଜେସର ସହ- ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାକେଶ ଭାରତୀ ମିତ୍ତଲ, ହ୍ୟୁଆଇ ଇଣ୍ଡିଆର ସିଇଓ ଜେ ଚେନ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୪୦ଟି ରାଷ୍ଟ୍ରର ୩୦୦୦ ପ୍ରତିନିଧି ଏହି କଂଗ୍ରେସରେ ଉପସ୍ଥିତ ଥିଲେ । ୨୦୨୪ ସୁଦ୍ଧା ଭାରତ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚିବା ଦିଗରେ ଟେଲିଯୋଗାଯୋଗ କ୍ଷେତ୍ରର ଭୂମିକା ସଂପର୍କରେ ଏହି କଂଗ୍ରେସରେ ଗୁରୁତ୍ୱାରୋପ କରାଯାଇଛି।

# ହେଲୋ ମଂଚରେ ସୈଫ ଅଲ୍ଲୀ ଖାଁ

ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଅନଲାଇନ୍ ସାମାଜିକ ଗଣମାଧ୍ୟମ ମଞ୍ଚ ହେଲୋର ଅନଲାଇନ୍ ସୋ’ ‘ଫ୍ରାଇଡ଼େ ଫିଭର’ରେ ସୈଫ ଅଲ୍ଲୀ ଖାଁ ନିଜର ଆଗାମୀ ଚଳଚ୍ଚିତ୍ର ‘ଲାଲ କପ୍‌ଟାନ’ ସଂପର୍କରେ ନିଜର ଅନୁଭବ ପରିପ୍ରକାଶ କରିଛନ୍ତି। ଏହି ଚଳଚ୍ଚିତ୍ର ପାଇଁ ଦେଶରେ ପ୍ରବଳ ଉତ୍ସୁକତା ପ୍ରକାଶ ପାଇଛି । ‘ଫ୍ରାଇଡ଼େ ଫିଭର’ ଏକ ଅନଲାଇନ୍ ସୋ’ ଯେଉଁଥିରେ ହେଲୋ ଏହାର ଗ୍ରାହକଙ୍କୁ ପ୍ରିୟ ଅଭିନେତାଙ୍କ ନିକଟବର୍ତ୍ତୀ କରାଇବାରେ ସହାୟକ ହୋଇଥାଏ । ଏହି ମଞ୍ଚରେ ଅଭିନେତା ନିଜ ଅନୁଭବ ପରିପ୍ରକାଶ କରିବା ସହ ଚଳଚ୍ଚିତ୍ରରୁ ସେ କଣ ଆଶା କରୁଛନ୍ତି ସେସଂପର୍କରେ ମତବିନିମୟ କରିଥାନ୍ତି। ଚଳଚ୍ଚିତ୍ର ରିଲିଜ ହେବା ପୂର୍ବରୁ ଫ୍ରାଇଡ଼େ ଫିଭରରେ ଏକାଧିକ କୌତୁକିଆ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ବିଗତ ଫ୍ରାଇଡ଼େ ଫିଭରରେ ସୈଫ ଅଲ୍ଲୀ ଖାଁ ଚଳଚ୍ଚିତ୍ର ସୁଟିଂ ସମୟର କିଛି ଘଟଣା ଓ ଅଭିନୟ ଆଦି ସଂପର୍କରେ ନିଜ ଅନୁଭୂତି ହେଲୋ ମଞ୍ଚରେ ଗ୍ରାହକଙ୍କ ସହ ବିନିମୟ କରିବେ । ‘ଲାଲ କପ୍‌ଟାନ’ ଆସନ୍ତା ୧୮ ତାରିଖରେ ଦେଶରେ ରିଲିଜ ହେବ । ଚଳଚ୍ଚିତ୍ରର ପାଣ୍ଡୁଲିପି ପ୍ରଥମେ ପଢ଼ିବା ପରେ ପ୍ରତିକ୍ରିୟା , ୱେବ ସିରିଜ ସାକ୍ରେଡ଼ ଗେମରେ ତାଙ୍କର ଯୋଗଦାନ, ଦୁଷ୍ଟ ବାଳକ ଲଙ୍ଗଡ଼ା ତ୍ୟାଗୀ ଭୂମିକାରେ ଅଭିନୟ ଆଦି ସଂପର୍କିତ ଏକାଧିକ ପ୍ରଶ୍ନର ଉତ୍ତର ସେ ପ୍ରଦାନ କରିଛନ୍ତି । ଦୁଷ୍ଟ ବାଳକ ଭୂମିକାରେ ଅଭିନୟ ତାଙ୍କ ପାଇଁ ଆମୋଦଦାୟକ ଏବଂ ଜୋକର ଭୂମିକାରେ ଅଭିନୟକୁ ସେ ପସନ୍ଦ କରିବେ ବୋଲି କହିଛନ୍ତି । ତାଙ୍କ ସନ୍ତାନଙ୍କ ସଂପର୍କରେ ପ୍ରଶ୍ନ ପଚାରିବାରୁ ଗଣମାଧ୍ୟମ ନିବୃତ୍ତ ରହିବାକୁ ସେ ଅନୁରୋଧ କରିଛନ୍ତି ।

# ନଭେମ୍ବର ୩ରେ ଆୟୋଜିତ ହେବାକୁ ଥିବା ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ଫିଟ୍ ଫାମିଲିଜ୍ ଫେଷ୍ଟ୍ ୨୦୧୯ ପାଇଁ ନିଜକୁ ଓ ପରିବାରକୁ ପଞ୍ଜୀକୃତ କରନ୍ତୁ

ଭୁବନେଶ୍ୱର: ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆ ଅଭିଯାନକୁ ସମର୍ଥନ କରିବା ଏବଂ ସୁସ୍ଥକର, ସକ୍ରିୟ ଜୀବନଶୈଳୀ ସହିତ ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ନେଇ ସଚେତନତା ସୃଷ୍ଟି କରିବା ଲାଗି ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ଫିଟ୍ ଫାମିଲିଜ୍ ଫେଷ୍ଟ୍ ୨୦୧୯ ହେଉଛି ଏକ ଅଭିଯାନ। ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ଫିଟ୍ ଫାମିଲିଜ୍ ଫେଷ୍ଟ୍‌ର ତୃତୀୟ ସଂସ୍କରଣ ଅଧିକ ପରିବାର ପାଇଁ ଅଧିକ ଫିଟ୍‌ନେସ୍ ଓ ଅଧିକ କୌତୁକ ଆଣିଦେବ। ଅଧିକ ବଡ଼ ଆକାରର ଏହି ଫେଷ୍ଟ୍ ଏଥର ଅଧିକ ଉତ୍ସାହଜନକ ହୋଇଥିବା ବେଳେ ଏହି ଫେଷ୍ଟ୍ ୪ଟି ସହର-ଭୁବନେଶ୍ୱର, ଲୁଧିଆନା, ଅହମ୍ମଦାବାଦ ଏବଂ ହାଇଦ୍ରାବାଦରେ ଆୟୋଜନ କରାଯିବ। ସୁସ୍ଥକର ପରିବାର ଖୁସି ପରିବାର ବୋଲି ପ୍ରମାଣିତ କରିବା ଲକ୍ଷ୍ୟ ନେଇ ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ଫିଟ୍ ଫାମିଲିଜ୍ ଫେଷ୍ଟ୍ କୌତୁକଭରା, ଫିଟ୍‌ନେସ୍ ଓ ଉତ୍ସବ ମୁଖର ରହିବ। ଆଗାମୀ ଫିଟ୍ ଫାମିଲିଜ୍ ଫେଷ୍ଟ୍ ୨୦୧୯ ପାଇଁ ନିଜକୁ ଏବଂ ପରିବାରକୁ ପଞ୍ଜୀକୃତ କରିବା ଲାଗି www.fitfamiliesfest.com ରେ ଲଗ୍ ଅନ୍ କରନ୍ତୁ। ବ୍ୟକ୍ତିବିଶେଷ ପାଇଁ ୫୦୦ ଟଙ୍କା, ତିନି ଜଣିଆ ପରିବାର ପାଇଁ ୧୨୦୦ ଟଙ୍କା ଏବଂ ୪ ଜଣିଆ ପରିବାର ପାଇଁ ୧୫୦୦ ଟଙ୍କା ଦେଇ ପଞ୍ଜୀକରଣ କରିହେବ। ୩ରୁ ଅଧିକ ବୟସର ପ୍ରତ୍ୟକ ବ୍ୟକ୍ତିଙ୍କୁ ପଞ୍ଜୀକରଣ କରିବାକୁ ହେବ ଏବଂ ଆୟୋଜନ ସ୍ଥଳରେ ପ୍ରବେଶ କରିବା ଲାଗି ଏକ ବିବ୍ ଦରକାର ପଡ଼ିବ। ଫାଟକ ସକାଳ ୫ଟାରେ ଖୋଲିବ ଏବଂ ସକାଳ ୧୦ଟାରେ କାର୍ଯ୍ୟକ୍ରମ ଶେଷ ହେବ। ଫିଟ୍ ଫାମିଲିଜ୍ ଫେଷ୍ଟ୍ ୨୦୧୯ ଦୁଇଟି ବର୍ଗରେ ଅନୁଷ୍ଠିତ ହେବ। ବ୍ୟକ୍ତିଗତ ବର୍ଗ (୧୩ ବର୍ଷ ଓ ଅଧିକ)ରେ ୨୦ କିମି ସାଇକଲ୍ ଚାଳନା, ୧୦ କିମି ଦୌଡ଼ ଏବଂ ୫ କିମି ଦୌଡ଼ ଆୟୋଜନ କରାଯିବ। ପରିବାର ବର୍ଗରେ ୩ ସଦସ୍ୟ ଫିଟେଷ୍ଟ୍ ଫ୍ୟାମିଲି ଓ ୪ ସଦସ୍ୟ ଫିଟେଷ୍ଟ୍ ଫ୍ୟାମିଲି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମକୁ ଇଷ୍ଟ୍ କୋଷ୍ଟ୍ ରେଲ୍‌ୱେ ଷ୍ଟାଡିଅମ୍, ମଂଚେଶ୍ୱରରେ ଆୟୋଜନ କରାଯିବ। ବିବ୍ ସଂଗ୍ରହ ସ୍ଥଳ ମଧ ଇଷ୍ଟ୍ କୋଷ୍ଟ୍ ରେଲ୍‌ୱେ ଷ୍ଟାଡିଅମ୍ ରହିବ ଏବଂ ବିବ୍ ସଂଗ୍ରହ ତାରିଖ ହେଉଛି ନଭେମ୍ବର ୨ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୫ଟା। ଏହି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରିବାର ଶେଷ ତାରିଖ ହେଉଛି ଅକ୍ଟୋବର ୨୯। ସମସ୍ତ ଶିଶୁଙ୍କ ବୟସ ଓ ଠିକଣା ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ଏବଂ ସାଇକେଲ୍ ଚାଳନା ବେଳେ ହେଲ୍‌ମେଟ୍ ପିନ୍ଧିବାକୁ ପଡ଼ିବ। ବ୍ୟକ୍ତିଗତ ବର୍ଗରେ (୨୦ କିମି ସାଇକେଲ୍ ଚାଳନା, ୧୦ କିମି ଦୌଡ଼, ୫ କିମି ଦୌଡ଼ ଏବଂ ପାର୍କର)ର ଶ୍ରେଷ୍ଠ ତିନି ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପୁନଶ୍ଚ, ୨ ଫିଟେଷ୍ଟ୍ ଫ୍ୟାମିଲି -୩ ସଦସ୍ୟ ଓ ୪ ସଦସ୍ୟ ବର୍ଗରେ ସମ୍ବର୍ଦ୍ଧିତ କରାଯିବ। ଫିଟ୍ ପରିବାର ଫେଷ୍ଟ୍ ୨୦୧୮ରେ ୨୦୦୦ରୁ ଅଧିକ ଉତ୍ସାହୀ ଅଂଶଗ୍ରହଣ କରିବାକୁ ଏକଜୁଟ ହୋଇ ଫିଟନେସ୍ ଏବଂ ଏକଜୁଟତାର ଉତ୍ସବକୁ ପୁନେରେ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣକୁ ପାଂଚ ଥର ବିଶ୍ୱ ଚାମ୍ପିଆନ୍ ବିଜେତା ବକ୍ସର ଓ ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ପ୍ରାୟୋଜିତ କ୍ରୀଡ଼ାବିତ ମେରି କମ୍, ଭାରତର ତାରକା ବ୍ୟାଡମିଂଟନ ଖେଳାଳୀ ସାଇନା ନେହୱାଲ୍ ଏବଂ ହର୍ବାଲାଇଫ୍ ନ୍ୟୁଟ୍ରିସନର ଫିଟ୍‌ନେସ୍ ସ୍ପୋର୍ଟସ୍ କନ୍‌ସଲ୍‌ଟାଂଟ୍ ଶ୍ୟାମଲ ଭଲ୍ଲଭଜୀ ଉଦ୍‌ଘାଟନ କରି ଫିଟ୍‌ନେସ୍ ଲକ୍ଷ୍ୟକୁ ହାସଲ କରିବା ଏବଂ ମିଳିମିଶି ସମର୍ଥନ ଏବଂ ଉତ୍ସାହ ଜାଗ୍ରତ କରିବା ଲାଗି ସମସ୍ତଙ୍କ ପାଇଁ ଏକ ଅନ୍ତର୍ଭୁକ୍ତୀକରଣ ମଂଚ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଆଇଏମ୍‌ସି ୨୦୧୯ରେ ବିଶ୍ୱ ସ୍ତରୀୟ କଂପାନିଙ୍କ ୫ଜି ପ୍ରଯୁକ୍ତିର ପ୍ରଦର୍ଶନ

ଭୁବନେଶ୍ୱର: ଦକ୍ଷିଣ ଏସିଆର ସର୍ବବୃହତ ଟେଲିକମ୍, ଇଂଟରନେଟ୍ ଓ ପ୍ରଯୁକ୍ତି କାର୍ଯ୍ୟକ୍ରମ ଆଇଏମ୍‌ସି ୨୦୧୯ରେ ବିଶ୍ୱ ସ୍ତରୀୟ କଂପାନିଗୁଡ଼ିକ ନିଜର ୫ଜି ପ୍ରଯୁକ୍ତିକୁ ପ୍ରଦର୍ଶିତ କରିଛନ୍ତି। ଏରିକ୍ସନ, ହୁୱେଇ, ନୋକିଆ ଓ ଜେଡଟିଇ ଭଳି ସଂସ୍ଥା ସେମାନଙ୍କ ପ୍ରଯୁକ୍ତିକୁ ସିଧାସଳଖ ପ୍ରଦର୍ଶିତ କରିଛନ୍ତି। “ଏକ ନୂତନ କନେକ୍ଟେଡ ଦୁନିଆର ପରିକଳ୍ପନା: ବୁଦ୍ଧିମତା, ବିଲୀନ ଏବଂ ଉଦ୍ଭାବକ’ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ସ୍ପେସ୍, ଅଗମେଂଟେଡ୍ ଆନାଲିଟିକ୍ସ, ସ୍ୱୟଂଚାଳିତ ଉପାଦାନ, ଏମ୍-ହେଲ୍‌ଥ, ଭବିଷ୍ୟତର ଲଜିଷ୍ଟିକ୍, ଅଭିନବ ଷ୍ଟାର୍ଟଅପ୍‌ର ପରିକଳ୍ପନାକୁ ପ୍ରଦର୍ଶିତ କରାଯାଇଛି। ଏହା ବ୍ୟତୀତ ଏହି ଅବସରରେ ବିଭିନ୍ନ ଉଦୀୟମାନ ବିଷୟ ଯଥା ଏଆଇ, ଏଆର, ଭିଆର, ଆଇଓଟି, ନୂଆ ଡିଜିଟାଲ୍ ପରିବେଶ, ଲଜିଷ୍ଟିକ୍, ସାଇବର ନିରାପତା, ସାଇବର୍ଗ ଇତ୍ୟାଦି ଉପରେ ସାରଗର୍ଭକ ଆଲୋଚନା ଆୟୋଜିତ ହୋଇଛି। ଚଳିତ ବର୍ଷର ଏକ ପ୍ରମୁଖ ବିଷୟ ୫ଜି ହୋଇଥିବାରୁ ବିଶ୍ୱ ସ୍ତରୀୟ କଂପାନିଗୁଡ଼ିକ ସେମାନଙ୍କ ୫ଜି ପ୍ରଯୁକ୍ତି କିଭଳି କାମ କରୁଛି ତାହାକୁ ପ୍ରଦର୍ଶିତ କରୁଛନ୍ତି। ସ୍ୱିଡେନ୍‌ର କଂପାନି ଏରିକ୍ସନ ଏହାର ରିମୋଟ୍ ମ୍ୟୁଜିକ୍ ପରଫରମାନ୍ସ, ପ୍ରଦର୍ଶିତ କରିଥିବା ବେଳେ ହୁୱେଇ ବିଭିନ୍ନ ଟେଲିକମ୍ କଂପାନି ସହିତ ମିଶି ଏହାର ପ୍ରଯୁକ୍ତିକୁ ପ୍ରଦର୍ଶିତ କରିଛି। ବିମାନ ବନ୍ଦର ପାଇଁ ସ୍ମାର୍ଟ ବୋର୍ଡିଂ ଗେଟ୍‌କୁ ଏହା ପ୍ରଦର୍ଶିତ କରିଛି। ନୋକିଆ ତରଫରୁ ଭର୍ଚୁଆଲ୍ ସପିଙ୍ଗ ଅନୁଭୂତି ପ୍ରଦାନ କରାଯାଇଥିବା ବେଳେ ୫ଜିରେ ଭର୍ଚୁଆଲ୍ ମନୋରଂଜନକୁ ପ୍ରଦର୍ଶିତ କରିଛି। ରିମୋଟ୍ ସର୍ଜରି ଏବଂ ରିମୋଟ୍ ଟ୍ରେନିଂ ଭଳି ପ୍ରଯୁକ୍ତି ଏହା ମେଡିକାଲ୍ ସେବାରେ ଥିବା ବ୍ୟକ୍ତିଙ୍କ ପାଇଁ ଆଣିଛି। ଏହି ପ୍ରଦର୍ଶନୀରେ ଫସଲ ଅମଳରେ ଉନ୍ନତି ଆଣିବା ଲାଗି ଚାଷୀଙ୍କ ପାଇଁ ସ୍ମାର୍ଟ ଏଗ୍ରିକଲ୍‌ଚର୍, ଶ୍ରେଣୀ ଗୃହ ପାଇଁ ଭର୍ଚୁଆଲ୍ ଇ-ଲର୍ଣ୍ଣିଂ ସମାଧାନକୁ ପ୍ରଦର୍ଶିତ କରାଯାଇଛି। ଚଳିତ ବର୍ଷର ଆଇଏମ୍‌ସି ୨୦୧୯କୁ ୫୦,୦୦୦ ବର୍ଗମିଟରରେ ପ୍ରଦର୍ଶିତ କରାଯାଇଥିବା ବେଳେ ଏଥିରେ ୨୫୦ରୁ ଅଧିକ ବିଶ୍ୱ ସ୍ତରୀୟ ବିଶେଷଜ୍ଞ ଏବଂ ବକ୍ତା ଅଂଶଗ୍ରହଣ କରିଥିବା ବେଳେ ୫୦୦୦ରୁ ଅଧିକ ସିଏକ୍ସଓ ସ୍ତରର ପ୍ରତିନିଧି ଏବଂ ୧୫୦ରୁ ଅଧିକ ଆନ୍ତର୍ଜାତିକ କ୍ରେତା ବିକ୍ରେତା ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ୮୦୦ ଗଣମାଧ୍ୟମ, ୭୫,୦୦୦ ପରିଦର୍ଶନକାରୀ ଏବଂ ୩୦୦ ପ୍ରଦର୍ଶନକାରୀ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ସ୍ଥାନୀୟ କଂପାନି ସେମାନଙ୍କ ପ୍ରଯୁକ୍ତି ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray